## ସଂକ୍ଷେପରେ

### ଘରୁ କବାଟ ଭାଙ୍ଗି ଲୁଟିନେଲେ ସୁନା ଅଳଙ୍କାର

**ବାହାନଗା, ୧।୩(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଷଠୀଗ୍ରାମ ଉଡ଼ମ୍ବର ସାହିର ଦାମୋଦର ସାହୁଙ୍କ ଘର କବାଟ ଭାଙ୍ଗି ଶନିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ପଶି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚୋରି କରିନେଇଥିବା ଖନ୍ତାପଡ଼ା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଦାମୋଦର ଘରେ ନ ଥିବାବେଳେ ତାଙ୍କର ପୁଅବୋହୂ ଘରେ ଶୋଇଥିଲେ। ବାହାର ଓ ଭିତର କବାଟର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ପଶି ଆଲମାରିରୁ ସୁନା ଅଳଙ୍କାର ଓ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନେଇଯାଇଥିଲେ। କିଛି କାଗଜପତ୍ର ସେମାନେ ରାସ୍ତାରେ ଫିଙ୍ଗି ଦେଇ ଚାଲିଯାଇଥିବା ଦେଖିବାକୁ ମିଳିଛି। ପରିବାର ଲୋକେ ରବିବାର ସକାଳେ ଉଠି ଘରର ସମସ୍ତ କବାଟ ଭଙ୍ଗାଯାଇଥିବା ଦେଖି ପୋଲିସକୁ ଖବର ଦେଇଥିଲେ।

### ନୀଳଗିରିରେ ଯାନବାହନ ଯାଞ୍ଚ



**ସଜନାଗଡ଼, ୧।୩(ଡି.ଏନ୍.ଏ.):** ରାଜ୍ୟସରକାର ଟ୍ରାଫିକ ନିୟମକୁ ୬ମାସ କୋହଳ ପରେ ମାର୍ଚ୍ଚ ୧ ତାରିଖ ଠାରୁ ଟ୍ରାଫିକ ନିୟମକୁ କଡ଼ାକଡ଼ି ପାଇଁ ନିର୍ଦ୍ଦେଶ ଦେଇଥିଲେ। ରବିବାର ମଧ୍ୟାହ୍ନରେ ନୀଳଗିରି ଥାନାର ଆଇଆଇସି ମୀନତି ବିଶ୍ୱାଳଙ୍କ ନିର୍ଦ୍ଦେଶରେ ଥାନାର ସବ୍‌ଇନ୍ସପେକ୍ଟର ବାସୁଦେବ ଜୟସିଂହ, ସସ୍ମିତା ମଲ୍ଲିକ ଏକ ପୋଲିସ ଟିମ୍ ଧରି ଓଲଡ଼ଙ୍ଗ ଛକ୍‌ଠାରେ ଗାଡ଼ି ଯାଞ୍ଚ କରିବା ସହ ହେଲମେଟ ଚେକିଂ କରିଥିଲେ। ବିନା ହେଲମେଟ ଗାଡ଼ି ଚାଳକମାନଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଗୋଟିଏ ବାଇକ୍‌ରେ ୩ ରୁ ୪ଜଣ ଯାଉଥିବା ଗାଡ଼ିକୁ ମଧ ଜରିମାନା ଲାଗୁ କରିବା ସହ ୩ ରୁ ୪ଜଣ ନ ଯିବା ପାଇଁ ସଚେତନ କରାଇଥିଲେ। ଚଢ଼ାଉରେ କନଷ୍ଟେବଳ ବୁବୁ ମୁନୀ, ଗୁରୁବା ସିଂଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ବାହାନଗା ବ୍ଲକରେ ନୂତନ ବିଡିଓ

**ବାହାନଗା, ୧।୩(ଡି.ଏନ୍.ଏ.):** ବାହାନଗା ବ୍ଲକର ନୂତନ ବିଡିଓ ଭାବେ ରଘୁନାଥ ପାଣିଗ୍ରାହୀ କାର୍ଯ୍ୟରେ ଯୋଗ ଦେଇଛନ୍ତି। ସେ ପ୍ରଥମେ ବରଗଡ ବ୍ଲକର ଅତିରିକ୍ତ ତହସିଲଦାର ଓ ପଦ୍ମପୁର ବ୍ଲକର ଅତିରିକ୍ତ ତହସିଲଦାର ଭାବେ ମଧ କାର୍ଯ୍ୟ ତୁଲାଇଥିଲେ। ଏହାପରେ ସେ ବରଗଡ ଜିଲାର ଆସିଷ୍ଟାଣ୍ଟ କଲେକ୍ଟର ଭାବେ କାର୍ଯ୍ୟରତ ଥିଲେ। ପଦୋନ୍ନତି ପରେ ରଘୁନାଥଙ୍କୁ ବାହାନଗା ବିଡିଓ ଭାବେ ନିଯୁକ୍ତି ଦିଆଯାଇଛି। ସେ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ଏବିଡିଓ ମାନସ କୁମାର ଚୌଧୁରୀଙ୍କ ସମେତ ସମସ୍ତ କର୍ମଚାରୀ ସ୍ୱାଗତ କରିଥିଲେ।

# ଆଦିବାସୀ ହସ୍ତଶିଳ୍ପ କଳାର ବଢୁଛି ଆଦୃତି

■ ସୃଷ୍ଟି କରିଛି ନୂଆ ଗ୍ରାହକ ବଜାର

■ ସରକାରୀ ସହାୟତା ମିଳିଲେ ହୋଇପାରନ୍ତା ବିକାଶ

ମାନସ ବିଶ୍ୱାଳ
ବାଲେଶ୍ୱର ଅଫିସ, ୧।୩



ଷ୍ଟଲ୍‌ରେ ରଖାଯାଇଥିବା ପତ୍ରରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ।

ଜଙ୍ଗଲ ସହିତ ଆଦିବାସୀଙ୍କ ସଂସ୍କୃତି, ଜୀବନଜୀବିକା ଜଡ଼ିତ। ବନଜାତ ସାମଗ୍ରୀକୁ ନେଇ ସେମାନେ ସୁନ୍ଦର ହସ୍ତକଳା ପ୍ରଦର୍ଶନ କରି ଆସୁଛନ୍ତି। ଏହି ପୁରାତନ କଳାର ନବୀକରଣ ପରେ ସବୁଠି ବଢ଼ିଛି ଏହାର ଆଦୃତି ଓ ମହକ। ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ବସବାସ କରୁଥିବା ଭୂମିଜ ଆଦିବାସୀ ଶିଆଳି, ଖଜୁରି ଓ ଅନ୍ୟ ବନଜାତ ଦ୍ରବ୍ୟରୁ ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରି ଏବେ ଦେଶବିଦେଶରେ ସ୍ୱତନ୍ତ୍ର ପରିଚୟ ଲାଭ କରିଛନ୍ତି। ସୃଷ୍ଟି କରିଛି ଏକ ନୂଆ ଗ୍ରାହକ ବଜାର।

ମହିଷାପଟା ପଞ୍ଚାୟତ ଶାଳବଣି ଗ୍ରାମର ଭୂମିଜ ଜନଜାତିର ପ୍ରମୋଦ ସିଂ, ରାଣୀ ସିଂ, ଗୋଲକ ସିଂ ଶିଆଳି ଟୋପି ଓ ଖଜୁରି ପତ୍ରରେ ବିଭିନ୍ନ ଆକର୍ଷଣୀୟ ସାମଗ୍ରୀ ତିଆରି କରି ନୀଳଗିରିର ସମନ୍ୱିତ ଜନଜାତି ବିକାଶ ସଂସ୍ଥା ଓ 'ବଣ ଧୂଳିର ଫୁଲ' ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହଯୋଗରେ ଭୁବନେଶ୍ୱରରେ ଆୟୋଜିତ ଆଦିବାସୀ ମେଳାରେ ପ୍ରଦର୍ଶନ କରିଥିଲେ। ମେଳାକୁ ବୁଲି ଆସିଥିବା ଦେଖଣାହାରୀଙ୍କଠାରୁ ଆରମ୍ଭ କରି ଅତିଥିମାନେ ଉକ୍ତ କଳାକୃତିକୁ ପସନ୍ଦ କରିବା ସହ ନିଜେ ବ୍ୟବହାର କରିଥିବା ଦେଖିବାକୁ ମିଳିଥିଲା। ଏପରିକି ବଣରେ ପଡ଼ି ନଷ୍ଟ ହୋଇଯାଉଥିବା ସାମଗ୍ରୀଗୁଡ଼ିକୁ ବ୍ୟବହାର କରି ତିଆରି କରାଯାଇଥିବା ହସ୍ତ କଳାକୃତିଗୁଡ଼ିକର ଭଲ ବ୍ୟବସାୟ ମଧ ହୋଇଥିଲା। ଗୋଟିଏ ଦିନରେ ୩୫ଶହ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟବସାୟ ହୋଇଥିଲା। ୨୦୧୯ ନଭେମ୍ବର ୨୩ ତାରିଖଠାରୁ ୨୯ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସିଆର୍‌ପି ଛକ ନିକଟସ୍ଥ ଜନଜାତି ସଂଗ୍ରହାଳୟ ପରିସର ଏବଂ ଚଳିତବର୍ଷ ଜାନୁୟାରୀ ୨୬ରୁ ଫେବୃୟାରୀ ୯ତାରିଖ ପର୍ଯ୍ୟନ୍ତ ୟୁନିଟ୍-୩ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଜାତୀୟ ଆଦିବାସୀ ମେଳା-୨୦୨୦ରେ ପ୍ରଦର୍ଶନ କରାଯାଇଥିଲା। ମେଳାକୁ ବୁଲିବାକୁ ଆସିଥିବା ଲୋକେ ମୁଣ୍ଡରେ ଶିଆଳି ପତ୍ର ନିର୍ମିତ ଟୋପି ପିନ୍ଧିବା ସହ ହାତରେ ଖଜୁରି ପତ୍ରରେ ନିର୍ମିତ ବିଭିନ୍ନ ସାମଗ୍ରୀକୁ ଧରି ଫଟୋ ଓ ସେଲ୍‌ଫି ଉଠାଇଥିଲେ।

ଶାଳବଣୀ ଗ୍ରାମର ପତ୍ର ହସ୍ତଶିଳ୍ପୀ ପ୍ରମୋଦ ସିଂ କୁହନ୍ତି, ବଣ ପାହାଡ଼ରେ ବିଭିନ୍ନ କାମ କରିବା ସମୟରେ ଜନଜାତିର ଲୋକମାନେ ଖରା ଓ ବର୍ଷାରୁ ରକ୍ଷା ପାଇବା ପାଇଁ ଶିଆଳି ପତ୍ରକୁ ସେହି ପତ୍ରର ଡେମ୍ଫରେ ଫୋଡ଼ି ପରସ୍ତ ପରସ୍ତ କରି ପତ୍ର ଖଞ୍ଜି ବିଭିନ୍ନ ଆକାରର ଟୋପି ତିଆରି କରି ମୁଣ୍ଡରେ ଲଗାଇଥାନ୍ତି। ଏବେ ଛତାର ବହୁଳ ବ୍ୟବହାର ସତ୍ତ୍ୱେ ଶିଆଳି ଟୋପିର ଆଦର କମିନି। ଶିଳ୍ପୀ ରାଣୀ ସିଂ କହନ୍ତି, ଖଜୁରୀପତ୍ରରେ ପିଲାମାନେ ବିଭିନ୍ନ ପ୍ରକାର ଫୁଲ, ପଶୁପକ୍ଷୀ, ଫୁଲଝାଡୁ ଆଦି ତିଆରି କରିଥାନ୍ତି। ସେହିପରି ଗୋଲକ ସିଂ କହନ୍ତି, ଆମେ କେବେ ଭାବି ନ ଥିଲୁ ଏହି ହସ୍ତକଳାକୁ ଲୋକେ ଅତି ଆଦରରେ କିଣି ନେବେ। ଏହାକୁ ଜୀବିକା ଭାବରେ ଗ୍ରହଣ କରାଯାଇ ଗୁଜୁରାଣ ମେଣ୍ଟାଇ ହେବ ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ 'ବଣ ଧୂଳିର ଫୁଲ'ର ଅଧକ୍ଷ ବିଜୟ ଆଚାର୍ଯ୍ୟ କୁହନ୍ତି, ଆଧୁନିକତାର ଛାପରେ ଧୀରେ ଧୀରେ ଜନଜାତିଙ୍କ କଳା, ସଂସ୍କୃତି, ସମୃଦ୍ଧି ଓ ପରମ୍ପରା ବିଲୁପ୍ତ ହେବାରେ ଲାଗିଛି। ଯଦି ସରକାରୀ ଓ ବେସରକାରୀ ସଂସ୍ଥାମାନେ ସହଯୋଗର ହାତ ବଢ଼ାନ୍ତି, ତେବେ ଏହି କଳାକୁ ବିଜ୍ଞାନ ଓ କାରିଗରୀ ଜ୍ଞାନକୌଶଳ ତଥା ନମୁନା ବିକାଶ କାର୍ଯ୍ୟକ୍ରମ ଦ୍ୱାରା ଆହୁରି ଅଧିକ ମୂଲ୍ୟ ବୃଦ୍ଧି କରାଯାଇପାରିବ। ଫଳରେ ଏହି କଳାର ସଂରକ୍ଷଣ ସହ ଜନଜାତିଙ୍କୁ ଆୟବୃଦ୍ଧିରେ ସହାୟକ ହେବ।


ଶିଳ୍ପୀ ରାଣୀ ସିଂଙ୍କ ନିକଟରୁ ଦର୍ଶକମାନେ ହସ୍ତକଳା ସାମଗ୍ରୀ କିଣିବା ସହ ଫଟୋ ଉଠାଉଛନ୍ତି।

## ଷ୍ଟେଶନ ଅଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବାଲେଶ୍ୱର ଅଫିସ, ୧।୩

ବାଲେଶ୍ୱର ରେଳଷ୍ଟେଶନରେ ଦୀର୍ଘଦିନ ଧରି କାର୍ଯ୍ୟ କରିଆସୁଥିବା ସୁପରଭାଇଜିଂ ଷ୍ଟେଶନ ମ୍ୟାନେଜର ଭାଗବତ ଦାସ ଏବଂ ଷ୍ଟେଶନ ସୁପରିଣ୍ଟେଣ୍ଡେଣ୍ଟ ରାଧାଗୋବିନ୍ଦ ଦାସଙ୍କୁ ରେଳଷ୍ଟେଶନର କର୍ମଚାରୀ, ଅଧିକାରୀ ରବିବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ତାଙ୍କର ଚାକିରି ଜୀବନର ବିଭିନ୍ନ ସ୍ମରଣୀୟ କଥାକୁ ଅଧିକାରୀ ଓ କର୍ମଚାରୀମାନେ ମନେ ପକାଇଥିଲେ। ଏହି ସମୟରେ ନୂତନ ଭାବରେ ଷ୍ଟେଶନ ମ୍ୟାନେଜର ଦାୟିତ୍ୱ ଗ୍ରହଣ କରିଥିବା ବିକାଶ ଚନ୍ଦ୍ର ବେରା, କମର୍ସିଆଲ ସୁପରଭାଇଜର ବଙ୍କିମ ଚନ୍ଦ୍ର ପତି, ମୁଖ୍ୟ ମାଲ ପର୍ଯ୍ୟବେକ୍ଷକ ଜ୍ୟୋତିର୍ମୟୀ ଦାସ, ମୁଖ୍ୟ ଅଫିସ ପରିଚାଳକ ଉଜ୍ୱଳ କୁମାର ସାହୁ, ଡିଜିଟାଲ ଟ୍ରାଫିକ ଇନ୍ସପେକ୍ଟର ଆଶିଷ କୁମାର ଖୁଣ୍ଟିଆଙ୍କ ସମେତ ଷ୍ଟେଶନ ବିଭିନ୍ନ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଜଳିଗଲା ବାଇକ୍

**ରୂପ୍‌ସା, ୧।୩(ଡି.ଏନ୍.ଏ.):** ରୂପ୍‌ସା ଥାନା ଜହତା ଗ୍ରାମର ନରେଶ ନାୟକଙ୍କ ଘରେ ଅଗ୍ନିକାଣ୍ଡ ଘଟି ଏକ ବାଇକ୍ (ନଂ. ଓଡ଼ି୦୧ଡବ୍ଲ୍ୟୁ-୨୯୩୯) ହଠାତ୍ ଜଳିଯାଇଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ. ୧୬/୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ଗତ ୨୭ତାରିଖ ରାତିରେ ପରିବାର ଲୋକେ ଖାଇସାରି ଶୋଇଥିଲେ। ହଠାତ୍ ବାଇକ୍ ଜଳିଯାଉଥିବା ଦେଖି ଗ୍ରାମବାସୀ ଦୌଡ଼ି ଆସି ନିଆଁକୁ ଆୟତ୍ତ କରିଥିଲେ। ବସ୍ତା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚିଥିଲା।

## କିଶୋର କ୍ଲବ ଚାମ୍ପିୟନ, ଫୋର୍ସ ଫାଇଟର ରନର୍ସଅପ୍

ବାଲେଶ୍ୱର ଅଫିସ, ୧।୩

**ଫୁଟବଲ ଟୁର୍ନାମେଣ୍ଟ**

ବାଲେଶ୍ୱର ସହର ସ୍ଥାନୀୟ ମିଶନ୍ ଫିଲ୍ଡରେ ଷ୍ଟାର କ୍ଲବ ଆନୁକୂଲ୍ୟରେ ରବିବାର 'ଖ୍ରୀଷ୍ଟ ଦ କିଙ୍ଗ' ଟ୍ରଫିର ଏକଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ୍ ୮ଟି ଦଳ ମିଶନ୍ ଟାଇଗର, ଫୁଲାଡ଼ି ଏଫ୍‌ସି, ସ୍ପୋର୍ଟସ ହଷ୍ଟେଲ, ବାମପଦା, ସୁତେଇ ଏଫ୍‌ସି, ଫୋର୍ସ ଫାଇଟର, ବିଷ୍ଣୁପୁର ଏକାଡ଼େମୀ ଓ କିଶୋର କ୍ଲବ ଭାଗ ନେଇଛନ୍ତି।

ଉଦ୍‌ଘାଟନୀ ମ୍ୟାଚ୍‌କୁ ରେଭେରେଣ୍ଡ ଫାଦର୍ ଯଦୁ ମାରାଣ୍ଡି, ଡ. ଜେମ୍ସ ଭବାନୀ ଏକ୍କା ଅତିଥି ଭାବେ ଉଦ୍‌ଘାଟନ କରି ଖେଳାଳୀମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଶେଷ ପର୍ଯ୍ୟାୟରେ କିଶୋର କ୍ଲବ ଓ ଫୋର୍ସ ଫାଇଟର ମଧ୍ୟରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।


ଅତିଥିମାନେ ଖେଳାଳୀଙ୍କ ସହ କରମର୍ଦ୍ଦନ କରୁଛନ୍ତି।

୧-୦ ଗୋଲ୍‌ରେ କିଶୋର କ୍ଲବ ଚାମ୍ପିୟନ୍ ହୋଇଥିବା ବେଳେ ଫୋର୍ସ ଫାଇଟର ରନର୍ସଅପ୍ ହୋଇଛି। ସମାଜସେବୀ ଡ. ବେଣୁମାଧବ ପଣ୍ଡା ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ୍ ଦଳକୁ ଟ୍ରଫି ଏବଂ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଉକ୍ତ ମ୍ୟାଚ୍‌କୁ ଶମ୍ଭୁନାଥ ସିଂ, ପ୍ରଦୀପ ଦାସ, ସନ୍ଦୀପ ଭଟ୍ଟାଚାର୍ଯ୍ୟ ପରିଚାଳନା କରିଥିଲେ। କ୍ଲବର ସଦସ୍ୟ ସଚିନ ଦାସ, ଚନ୍ଦନ ଆଣ୍ଟୋନି, ରଣଜିତ ସିଂ, ବିରାଜ ବେହେରା, ସନ୍ଦୀପ ଦାସ, ଭାସ୍କର ବଳିଆରସିଂ, ତୋଫାନ ଆଣ୍ଟୋନି ପ୍ରମୁଖ ସହଯୋଗ କରିଥିଲେ।

## ଡେକାନ ୱାରିୟର୍ସ, ବାଲେଶ୍ୱର ଲାୟନ ବିଜୟୀ

ବାଲେଶ୍ୱର ଅଫିସ, ୧।୩

**ବାଲେଶ୍ୱର ପ୍ରିମିୟର ଲିଗ୍ ସିଜନ୍-୧୧**

ବାଲେଶ୍ୱରସ୍ଥିତ ପରମିଟ୍ ପଡ଼ିଆରେ ବାଲେଶ୍ୱର ପ୍ରିମିୟର ଲିଗ୍ (ବିପିଏଲ୍) ସିଜନ୍-୧୧ର ତୃତୀୟ ଦିବସ ଶନିବାର ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଛି। ପ୍ରଥମ ମ୍ୟାଚ୍ ଡେକାନ ୱାରିୟର୍ସ ଓ ଝାଡ଼େଶ୍ୱର ୱାରିୟର୍ସ ଏବଂ ଦ୍ୱିତୀୟ ମ୍ୟାଚ୍ ବାଲେଶ୍ୱର ଲାୟନ ଓ ଦି ଟାଇଟନ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡେକାନ ୱାରିୟର୍ସ ଓ ବାଲେଶ୍ୱର ଲାୟନ ବିଜୟୀ ହୋଇଛି।

ପ୍ରଥମ ମ୍ୟାଚ୍‌ରେ ଡେକାନ ୱାରିୟର୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ୨୦ ଓଭରରେ ୯ ଉଇକେଟ୍ ହରାଇ ୧୧୫ ରନ୍ ସଂଗ୍ରହ କରିଥିଲା। ଜବାବରେ ଝାଡ଼େଶ୍ୱର ୱାରିୟର୍ସ ସମ୍ପୂର୍ଣ୍ଣ ୨୦ ଓଭର ଖେଳି ୮ ଉଇକେଟ୍ ବିନିମୟରେ ୮୮ ରନ୍ ସଂଗ୍ରହ କରି ୨୭ରନ୍‌ରେ ପରାଜୟ ବରଣ କରିଥିଲା। ଡେକାନର ଝାମେଲା ରଞ୍ଜନ ଭଞ୍ଜ ୨୫ ରନ୍ ଓ ୨ଟି ଉଇକେଟ୍ ନେଇଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ଏହି ମ୍ୟାଚ୍‌କୁ ଅଶ୍ୱିନୀ ସାମଲ, ରାଜେଶ ମହାପାତ୍ର ପରିଚାଳନା କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ବାଲେଶ୍ୱର ଲାୟନ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୪୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଦି ଟାଇଟନ୍ସ ୨୦ଓଭର ଖେଳି ୭ ଉଇକେଟ୍ ବିନିମୟରେ ୧୨୨ରନ୍ ସଂଗ୍ରହ କରି ୧୯ ରନ୍‌ରେ ପରାଜୟ ବରଣ କରିଥିଲା। ଏହି ମ୍ୟାଚ୍‌ରେ ଆକ୍ରାମ ଖାନ୍ ଓ ଦେବପ୍ରିୟ ପଟ୍ଟନାୟକଙ୍କୁ ଯୁଗ୍ମ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ମ୍ୟାଚ୍‌କୁ ନୀଳମାଧବ ବିଶ୍ୱାଳ ଓ ଅଶ୍ୱିନୀ ସାମଲ ପରିଚାଳନା କରିଥିଲେ।

## ୪ ସ୍ଥାନରେ କଳାକନା ବୁଲାଇଲେ ଚୋର

**ଭୋଗରାଇ, ୧।୩(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ଅଞ୍ଚଳରେ ଏବେ ଚୋର ଦଳ ସକ୍ରିୟ ହୋଇଛନ୍ତି। ୬ ଦିନ ପରେ ପୁଣି ଭୋଗରାଇ ଥାନା ଅଧୀନ ଟେଙ୍ଗରାମାରୀ ଗ୍ରାମରେ ଶନିବାର ମଧ୍ୟରାତ୍ରିରେ ଚୋର ଦଳ ଏକ ମନ୍ଦିର ମୂର୍ତ୍ତିରୁ ଏବଂ ୩ଜଣଙ୍କ ଘରୁ ରୂପା, ସୁନା ଅଳଙ୍କାର ସହ ନଗଦ ଟଙ୍କା ଓ ବାସନକୁସନ ସାମଗ୍ରୀ ଚୋରି କରି ଚମ୍ପଟ ମାରିଛନ୍ତି। ରବିବାର ଚୋରୀ ହୋଇଥିବା ଗ୍ରାମକୁ ବାଲେଶ୍ୱରର ଏକ ସାଇଣ୍ଟିଫିକ୍ ଟିମ୍ ସହ ସନ୍ଧାନୀ କୁକୁର ତଲାସୀ କରିଥିବାବେଳେ ପୋଲିସ୍‌ର ପ୍ରାଥମିକ ତଦନ୍ତ ଜାରି ରହିଛି। ଉଲ୍ଲେଖଯୋଗ୍ୟ, ଗତ ୨୩ ତାରିଖ ମଧ୍ୟରାତ୍ରିରେ ଚନ୍ଦନେଶ୍ୱର ବଜାରରେ ଥିବା ଆରତୀ ଜୁଏଲେରୀରୁ ଲକ୍ଷାଧିକ ଟଙ୍କାର ସ୍ୱର୍ଣ୍ଣ ଅଳଙ୍କାର ଚୋରି ହେବା ପରେ ପୁଣି ଭୋଗରାଇରେ ଏଭଳି ଘଟଣା ଘଟିଛି। ଟେଙ୍ଗରାମାରୀ ଗ୍ରାମରେ ଥିବା ମା' ମଙ୍ଗଳା ମନ୍ଦିର ମୂର୍ତ୍ତିରୁ ରୁପା ଓ ସୁନା ଅଳଙ୍କାର, ଅନ୍ୟ ଏକ ପିତ୍ତଳ ମୂର୍ତ୍ତିକୁ ଫୋପାଡ଼ି ଦେବା ସହ ଗ୍ରାମର ଗୌରୀ ମହୁରୀ, ସନିଆ ମହୁରୀ, ମଙ୍ଗୁଳି ଘଡ଼ାଇଙ୍କ ଘରୁ ଚୋର ଦଳ ବାକ୍ସ ଭାଙ୍ଗି ସୁନା ଓ ରୂପା ଗହଣା ସହ ପିତ୍ତଳ ବାସନକୁସନ ଓ ନଗଦ ଟଙ୍କା ନେଇ ଫେରାର ହୋଇଛନ୍ତି।

**ନେସ୍କୋର ବକେୟା ବିଲ୍ ଆଦାୟ ଅଭିଯାନ**

## ୧୭ କୋଟି ୭୮ ଲକ୍ଷରୁ ଊର୍ଦ୍ଧ୍ୱ ଆଦାୟ

ବାଲେଶ୍ୱର ଅଫିସ, ୧।୩

### ୧୨,୦୮୭ ଉପଭୋକ୍ତାଙ୍କ ସଂଯୋଗ ବିଚ୍ଛିନ୍ନ

ବାଲେଶ୍ୱର ନେସ୍କୋ ୟୁଟିଲିଟି ପକ୍ଷରୁ ଗତ ଫେବୃୟାରୀ ୧୬ ତାରିଖଠାରୁ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର ଜିଲାରେ ବିଦ୍ୟୁତ୍ ବିଲ୍ ଆଦାୟ ଓ ସଂଯୋଗ ବିଚ୍ଛିନ୍ନ ଅଭିଯାନ ଜାରି ରହିଛି। ଗତ ଫେବୃୟାରୀ ୨୯ ତାରିଖ ଶନିବାର ସୁଦ୍ଧା ୧୪ଦିନରେ ୧୩୨ଟି ସ୍ୱତନ୍ତ୍ର ସ୍କ୍ୱାଡ୍ ଦ୍ୱାରା ମୋଟ ୧୭କୋଟି ୭୮ଲକ୍ଷ ୪୦ହଜାର ଟଙ୍କା ଆଦାୟ ହୋଇଛି। ଏହାବ୍ୟତୀତ ୧୨,୦୮୭ଜଣ ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ଏବଂ ୧,୩୯୨ ଉପଭୋକ୍ତାଙ୍କ ପୁନଃ ସଂଯୋଗ କରାଯାଇଥିବା ବିଭାଗ ପକ୍ଷରୁ ଏକ ପ୍ରେସ୍ ବିବୃତିରେ ଜଣାଇ ଦିଆଯାଇଛି।

ବାଲେଶ୍ୱର ଜିଲାର ୩୮ସ୍କ୍ୱାଡ୍ ମାଧ୍ୟମରେ ୧୨,୫୨୮ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୩କୋଟି ୨୯ଲକ୍ଷ ୨ହଜାର ଟଙ୍କା ଆଦାୟ ହୋଇଛି। ୩,୭୪୩ ଉପଭୋକ୍ତାଙ୍କର ୫କୋଟି ୨୧ଲକ୍ଷ ୭୬ହଜାର ଟଙ୍କା ବକେୟା ପଡ଼ିଥିବାରୁ ସେମାନଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ୫୧୩ ଉପଭୋକ୍ତା ୨୨ଲକ୍ଷ ୮୬ହଜାର ଟଙ୍କା ପ୍ରଦାନ କରିଥିବାରୁ ସେମାନଙ୍କ ପୁନଃ ବିଦ୍ୟୁତ୍ ସଂଯୋଗ କରାଯାଇଛି। ସେହିପରି ଭଦ୍ରକରେ ୨୪ଟି ସ୍କ୍ୱାଡ୍ ମାଧ୍ୟମରେ ୬୮୦୭ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୨କୋଟି ୨୩ଲକ୍ଷ ୪୮ହଜାର ଟଙ୍କା ଆଦାୟ ହୋଇଛି। ୧୯୮୪ ଉପଭୋକ୍ତାଙ୍କର ୩କୋଟି ୮୩ଲକ୍ଷ ୮୬ହଜାର ଟଙ୍କା ବାକି ପଡ଼ିଥିବାରୁ ସେମାନଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଥିବା ବେଳେ ୬୪ଜଣ ଉପଭୋକ୍ତା ୮ଲକ୍ଷ ୩୫ହଜାର ଟଙ୍କା ପ୍ରଦାନ କରିଥିବାରୁ ସେମାନଙ୍କ ପୁନଃ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଯାଜପୁରରେ ୨୦ଟି ସ୍କ୍ୱାଡ୍ ମାଧ୍ୟମରେ ୫୩୪୦ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୩କୋଟି ୮ଲକ୍ଷ ୭୩ହଜାର ଟଙ୍କା ଆଦାୟ ହୋଇଛି। ୧୯୮୪ ଉପଭୋକ୍ତାଙ୍କର ୨କୋଟି ୫୮ଲକ୍ଷ ୬୬ହଜାର ଟଙ୍କା ବାକି ପଡ଼ିଥିବାରୁ ସେମାନଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଥିଲା। ୬୪ଜଣ ଉପଭୋକ୍ତା ୧୧ଲକ୍ଷ ୨ହଜାର ଟଙ୍କା ପ୍ରଦାନ କରିଥିବାରୁ ସେମାନଙ୍କ ପୁନଃ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ମୟୂରଭଞ୍ଜରେ ୨୭ଟି ସ୍କ୍ୱାଡ୍ ମାଧ୍ୟମରେ ୩୨୪୦୮ ଉପଭୋକ୍ତାଙ୍କଠାରୁ ୫କୋଟି ୫୪ଲକ୍ଷ ୮୭ହଜାର ଟଙ୍କା ଆଦାୟ ହୋଇଛି। ୧୮୪୧ଉପଭୋକ୍ତାଙ୍କର ୩କୋଟି ୮୩ଲକ୍ଷ ୬୮ହଜାର ଟଙ୍କା ବାକି ପଡ଼ିଥିବାରୁ ସେମାନଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଛି। ୫୧୭ଉପଭୋକ୍ତା ୨୯ଲକ୍ଷ ୪୬ହଜାର ଟଙ୍କା ପ୍ରଦାନ କରିଥିବାରୁ ସେମାନଙ୍କ ପୁନଃ ବିଦ୍ୟୁତ୍ ସଂଯୋଗ କରାଯାଇଛି। କେନ୍ଦୁଝରରେ ୨୩ଟି ସ୍କ୍ୱାଡ୍ ମାଧ୍ୟମରେ ୯୯୩୩ ବିଦ୍ୟୁତ୍ ଉପଭୋକ୍ତାଙ୍କଠାରୁ ୨କୋଟି ୬୩ଲକ୍ଷ ୩୫ହଜାର ଟଙ୍କା ଆଦାୟ ହୋଇଛି। ୨୫୩୫ ଉପଭୋକ୍ତାଙ୍କର ୩କୋଟି ୯୬ଲକ୍ଷ ୮୮ହଜାର ଟଙ୍କା ବାକି ପଡ଼ିଥିବାରୁ ସେମାନଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରାଯାଇଥିବା ବିଭାଗୀୟ ଲୋକ ସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି।

## କାର୍ଯ୍ୟାନୁଷ୍ଠାନ ଦାବି କଲା ଭାଜପା

**ଜଳେଶ୍ୱର, ୧।୩(ସ୍ୱ.ପ୍ର.)**

**ଉନ୍ନୟନ କାର୍ଯ୍ୟରେ ଅନିୟମିତତା ଅଭିଯୋଗ**

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ସୁଗୋ ପଞ୍ଚାୟତର ଉନ୍ନୟନମୂଳକ ଅନିୟମିତତା କରାଯାଇ ଅର୍ଥ ଆତ୍ମସାତ କରାଯାଇଥିବା ରବିବାର ଭାଜପା ସୁଗୋ ଶାଖା ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି।

ଅଭିଯୋଗରେ କୁହାଯାଇଛି ଯେ, କାସିଡ଼ିହା ପ୍ରାଥମିକ ବିଦ୍ୟାଳୟର ଖେଳପଡିଆ ବାବଦରେ ୧ଲକ୍ଷ ୨୫ହଜାର ଓ ପାଚେରି ନିର୍ମାଣ ଲାଗି ୧ଲକ୍ଷ ୪୦ହଜାର ଟଙ୍କା ଉଠାଯାଇଥିବା ବେଳେ ତାହା କରାଯାଇନାହିଁ। ସୁଗୋ ମହାକାଳଖାଳ ହାକାଣ୍ଡଘାଟ ବାବଦରେ ଟଙ୍କା ଉଠାଣ ହୋଇଥିବା, କଣ୍ଟିଜେନ୍ସି ଫଣ୍ଡରେ ବ୍ୟାପକ ଅନିୟମିତତା, ଖଡରାବିନ୍ଧା ଗାଁରେ ବିଜୟରାଜ ଛକ ଓ ବାଣିଦା ଗ୍ରାମର ଗୌରାଙ୍ଗ ପାତ୍ର ଛକରେ ନଳକୂପ ଖନନ ବାବଦକୁ ୨ଥର ଲେଖାଏଁ ଟଙ୍କା ଉଠାଣ, ୨୦୧୬-୧୭ ଆର୍ଥିକ ବର୍ଷରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନଳକୂପ ବାବଦରେ ଟଙ୍କା ଉଠାଣ ହୋଇ ଆତ୍ମସାତ ହୋଇଛି। ହରିଶ୍ଚନ୍ଦ୍ର ଯୋଜନାରେ କେତେକଙ୍କ ନାମରେ ୨ଥର ଓ ମୃତ୍ୟୁବରଣ କରି ନ ଥିବା ଲୋକଙ୍କ ନାମରେ ଟଙ୍କା ଉଠାଣ ହୋଇଥିବା ସେମାନେ ଅଭିଯୋଗ କରିଛନ୍ତି। ବାଣିଦା ବନ ଓ କାସିଡିହା କମ୍ୟୁନିଟି ଘର ଓ ଗାଧୁଆତୁଠ ବାବଦରେ ୩ଲକ୍ଷ ୫୦ହଜାରରୁ ଅଧିକ ଟଙ୍କା ହଡପ କରାଯାଇଥିବା ଭାଜପାର ସୁଗୋ ପଞ୍ଚାୟତ ସଭାପତି ଶିବଶଙ୍କର ଜେନା, ମଣ୍ଡଳ ସଭାପତି ତପନ କୁମାର ବିଶ୍ୱାଳ, ଯୁବ ସ୍ୱେଚ୍ଛାସେବୀ ସଞ୍ଜୀବ ସେନାପତି, ରବୀନ୍ଦ୍ର ଜେନା, ଦେବଜିତ ପ୍ରଧାନ, ପ୍ରଦୀପ ପ୍ରଧାନ, ଅଜୟ କୁମାର ପତି, ପ୍ରଶାନ୍ତ ଜେନା, ଅଜିତ୍ କୁମାର ପରିଡା ଓ ଚନ୍ଦନ ମହାନ୍ତି ପ୍ରମୁଖ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ନ ହେଲେ ଆନ୍ଦୋଳନ କରିବେ ବୋଲି ସୂଚନା ଦେଇଛନ୍ତି।

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



√ ଦେବେନ୍ଦ୍ର କୁମାର ଦାସ (ବୁଲୁ ଦାସ)
ଆବିର୍ଭାବ : ୧୨.୦୬.୧୯୬୧
ତିରୋଧାନ : ୨୧.୦୨.୨୦୨୦
ଗ୍ରାମ : ପାଣ୍ଡିଆସାହି, ପୁରୁଣାଗଡ଼ ଥାନା : ବନ୍ତଲା, ଜି: ଅନୁଗୁଳ
ତୁମର ନିଷ୍କପଟ ସ୍ନେହଶ୍ରଦ୍ଧା ଓ କର୍ତ୍ତବ୍ୟପରାୟଣତା ଆମପାଇଁ ପ୍ରେରଣାର ଉତ୍ସ। ତୁମ ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
- ଶୋକସନ୍ତପ୍ତ -
ପତ୍ନୀ, ପୁଅ, ଝିଅ, ଜ୍ୱାଇଁ, ନାତୁଣୀ, ଝିଆରୀ, ପୁତୁରା, ବନ୍ଧୁ ଓ ପରିବାରବର୍ଗ
ଧ-୧୬୯୬୨

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱର୍ଗତ ତରୁଣ କୁମାର ଦାଶ (ଟିକୁ)
ତିରୋଧାନ: ୦୨।୦୩।୨୦୧୬
ତୋର ସ୍ନେହ, ଶ୍ରଦ୍ଧା, ଭଲପାଇବା ଆମ୍ଭମାନଙ୍କ ପାଇଁ ପଥପ୍ରଦର୍ଶକ ହେଉ। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ବାପା, ନାନୀ, ନନା, ଭଣଜା, ବନ୍ଧୁ ଓ ପରିବାରବର୍ଗ।
ଧ-୬୯୦୧୪



## ଆଜି କ'ଣ କେଉଁଠି

**ଭଦ୍ରକ**

■ପୂର୍ବତନ ବିଧାୟକ ବିରେନ ପଲେଇଙ୍କ ୧୯ତମ ଶ୍ରାଦ୍ଧବାର୍ଷିକୀ ଓ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ଚୋରା କୋଇଲା ବୋଝେଇ ପିକ୍ଅପ୍ ଜବତ: ଚାଳକ ଗିରଫ

ପଦ୍ମପୁର,୧।୩(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନାୟକାଣିଡିହୀ ଥାନା ପୋଲିସ ଶନିବାର ବିଳମ୍ବିତ ରାତିରେ ଚୋରା କୋଇଲା ବୋଝେଇ ଏକ ପିକଅପ୍‌କୁ ଜବତ କରିଛି। ଗାଡ଼ିରେ ୧୫ କୁଇଣ୍ଟାଲ କୋଇଲା ଥିବା ଜଣାପଡ଼ିଛି। ଏଥିସହ ପୋଲିସ ଗାଡ଼ି ଚାଳକଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା(ନଂ.୨୭/୨୦) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଜଗନ୍ନାଥପ୍ରସାଦ ପଞ୍ଚାୟତ କୋଡ଼ବାଟିଆ-ହତାଶିଆ ରାସ୍ତାରେ ଚୋରା କୋଇଲା ବୋଝେଇ କରି ଯାଉଥିବା ବେଳେ ଏଏସ୍ଆଇ ଦିଲୀପ କୁମାର ଦେହୁରୀ ଓ କନଷ୍ଟେବଲ କରୁଣାକର ମୁର୍ମୁ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିଲେ। ଚାଳକ ପୋଲିସ ଗାଡ଼ିକୁ ସାଇଡ୍ ନ ଦେଇ ଦ୍ରୁତଗତିରେ ଖସି ପଳାଇ ଯିବାକୁ ଉଦ୍ୟମ କରିବା ବେଳେ ପୋଲିସ ପିଛା କରି ଧରିଥିଲା। କୋଇଲା ଚାଲାଣ ସମ୍ପର୍କିତ କୌଣସି କାଗଜପତ୍ର ଚାଳକ ଦେଖାଇ ନ ପାରିବାରୁ ପୋଲିସ ଗାଡ଼ିକୁ ଜବତ କରି ଥାନାକୁ ନେଇଛି। ଚାଳକ ଗଦଳା ଗ୍ରାମର ସୌରଭ ସୁନ୍ଦର ନାୟକଙ୍କୁ ପୋଲିସ ଗିରଫ କରି ତଦନ୍ତ ଚଳାଇଛି।

### ପୋଖରୀରେ ପଡ଼ି ଶିଶୁର ଜୀବନ ଗଲା

ବାସୁଦେବପୁର,୧।୩(ଡି.ଏନ.ଏ.)- ବାସୁଦେବପୁର ରାଧାନାଥପୁର ଆଡ଼ିଆ ଗ୍ରାମର ମନୋଜ ବେହେରାଙ୍କ ୫ ବର୍ଷର ଝିଅ ସ୍ମୃତିରେଖା ରବିବାର ପୋଖରୀରେ ପଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ସ୍ମୃତିରେଖା ଖେଳୁଥିବାବେଳେ ଅସାବଧାନତା ବଶତଃ ନିକଟସ୍ଥ ପୋଖରୀରେ ପଡ଼ିଯାଇଥିଲେ। ପରିବାର ଲୋକ ତାଙ୍କୁ ପୋଖରୀରୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରି ବାସୁଦେବପୁର ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କାବୁରେ ନାହାନ୍ତି ଲୁଟେରା

■ ଦୋକାନରୁ ଲୁଟ୍, ବାଇକ୍ ଚୋରି ବଢ଼ୁଛି

■ପୋଲିସ ମାମଲା ରୁଜୁ କରି ଚୁପ୍

ଭଦ୍ରକ ଅଫିସ, ୧।୩

ଭଦ୍ରକ ସହରରେ ଲୁଟେରାଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। ଦିନକୁ ଦିନ ସହରରେ ଲୁଟେରା ସେମାନଙ୍କ ଉପସ୍ଥିତି ଜାହିର କରୁଥିବା ବେଳେ ଟାଉନ ପୋଲିସ ଅସହାୟ ହୋଇପଡ଼ିଛି। କେବଳ ପିସିଆର ଭ୍ୟାନ୍ ଧରି ରାସ୍ତା ଉପରେ ବସିଥିବା ଦୋକାନୀଙ୍କୁ ଉଠାଇ ନିଜର ପୋଲିସପଣିଆ ଜାହିର କରୁଥିବାବେଳେ ଜଣେ ମଧ୍ୟ ଲୁଟେରାଙ୍କୁ ଧରିବାରେ ବିଫଳ ହୋଇଥିବା ସାଧାରଣରେ ଅଭିଯୋଗ ହେଉଛି।

ଗତ ଦୁଇମାସର ଚୋରି ଘଟଣାକୁ ସମୀକ୍ଷା କଲେ ପ୍ରାୟ ୨୦ ରୁ ଊର୍ଦ୍ଧ୍ୱ ବାଇକ୍ ଚୋରି ହୋଇଛି। ତାହା ପୁଣି ଟାଉନ ଥାନା ପାଚେରି ପାର୍ଶ୍ୱସ୍ଥ ଅଞ୍ଚଳରୁ। ଗତ ଦୁଇଦିନ ମଧ୍ୟରେ ୨ଟି ବାଇକ୍ ଚୋରି ହୋଇଛି। ଘରର ଗେଟ୍ ତାଲା କାଟି ବାଇକ୍ ଚୋରି ହେଉଛି। ରୀତିମତ ପ୍ରତି ମାସରେ ୫ରୁ ୧୦ଟି ଗାଡ଼ି ଚୋରି ହେଉଥିଲେ ମଧ୍ୟ ପୋଲିସ ଲୁଟେରାଙ୍କୁ ଠାବ କରିପାରି ନାହିଁ। ପ୍ରକାଶ ଯେ, ସହରର ମଧ୍ୟଭାଗ କୁହାଯାଉଥିବା ମଠସାହି ଅରୁନ୍ଧତୀ ସେନାପତିଙ୍କ ଭଡ଼ାଘରେ ଏଲ୍ଆଇସିର ଡେଭଲପମେଣ୍ଟ ଅଧିକାରୀ କାଳୀପ୍ରସନ୍ନ ନାୟକଙ୍କ ହିରୋହୋଣ୍ଡା ସ୍ପ୍ଲେଣ୍ଡର ପ୍ରୋ ଗାଡ଼ିକୁ କେହି ନିକଟରେ ମୁଖ୍ୟ ଗେଟ୍ ତାଲା କାଟି ଚୋରି କରି ନେଇଯାଇଛନ୍ତି। ସେହିଭଳି ବନ୍ତ ଛକ ଆଚାର୍ଯ୍ୟନଗର ବିନୋଦ ଗୁପ୍ତାଙ୍କ ସ୍କୁଟି ଫ୍ରେଣ୍ଡସ୍ କଲୋନୀରୁ ଚୋରି ହୋଇଛି। ୫ ଦିନ ପୂର୍ବେ ଟାଉନ ଥାନା ପାଚେରିକୁ ଲାଗି ଥାନାବନ୍ଧ ରୋଡ଼ରୁ ଜଣେ ମହିଳାଙ୍କ ହାତରୁ ମୋବାଇଲ ଝାମ୍ପି ନେଇଛନ୍ତି ଲୁଟେରା। ସମାନ ରୋଡ଼ରୁ ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ବାଇକ୍ ଚୋରି ହୋଇଛି। ଥାନା ପାଚେରିକୁ ଲାଗିଥିବା ରୋଡ଼ରୁ ଚୋରି ହେବା ଘଟଣା ସହରବାସୀଙ୍କୁ ଆଶ୍ଚର୍ଯ୍ୟ କରୁଛି। ଗତ ୬ ତାରିଖରେ ସହରର ମଧ୍ୟଭାଗ ନୂଆବଜାରର ଏକ ମୋବାଇଲ ଦୋକାନରୁ ପ୍ରାୟ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ମୋବାଇଲ ଚୋରି ହୋଇଥିଲା। ଦୋକାନ ପଛପାଖ କାନ୍ଥ କାଟି ମୋବାଇଲ ଓ ଏକ ଦାମୀ ଲାପଟପ୍ ଚୋରି କରି ନେଇଯାଇଛନ୍ତି। ଦୋକାନ ମାଲିକ ମାନସୀ ନନ୍ଦୀଙ୍କ ଏତଲା କ୍ରମେ ଥାନାରେ ମାମଲା ରୁଜୁ ହୋଇଥିଲେ ମଧ୍ୟ ଏଯାଏ ଲୁଟେରାଙ୍କୁ ଠାବ କରିପାରି ନାହିଁ ପୋଲିସ। ସେହିଭଳି ଭଦ୍ରକ କୋର୍ଟ ପରିସରରୁ ୧୫ ଦିନ ମଧ୍ୟରେ ୪ଟି କମ୍ପ୍ୟୁଟର ଓ ମନିଟର ଚୋରି ହେଲାଣି। ପୂର୍ବରୁ ଏସ୍‌ଡିଜେଏମ୍ ଓ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତ, ନିକଟରେ ପରିବାର ଅଦାଲତ ଓ ଅତିରିକ୍ତ ଜିଲାଜଜ୍‌ଙ୍କ ଅଦାଲତ ପରିସରରୁ ମନିଟର୍ ଚୋରି ହୋଇଛି। ଏହି ଘଟଣାରେ ଜଣେ ମଧ୍ୟ ଗିରଫ ହୋଇନାହାନ୍ତି। ସହରରେ ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ପୋଲିସ ଠିକ୍ ଭାବେ ପାଟ୍ରୋଲିଂ କରୁ ନ ଥିବାରୁ ଲୁଟେରା ଏହାର ସୁଯୋଗ ନେଉଛନ୍ତି ବୋଲି ଆଇନଜୀବୀ ଗଦାଧର ବଳ ମତପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ସୁନୀଲ ନନ୍ଦଙ୍କୁ ପଚାରିବାରୁ ଲୁଟେରାଙ୍କୁ ଗିରଫ କରିବାକୁ ଉଦ୍ୟମ ଚାଲିଛି ଏବଂ ପାଟ୍ରୋଲିଂ ଜୋରଦାର କରାଯାଉଥିବା କହିଛନ୍ତି।



ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମକର୍ତ୍ତା।

## ବେକାରି ତାଲିକା ପ୍ରସ୍ତୁତ କରିବ କଂଗ୍ରେସ

ଭଣ୍ଡାରିପୋଖରୀ,୧।୩(ଡି.ଏନ.ଏ.)

ରାଷ୍ଟ୍ର ବେକାରି ସମସ୍ୟାରେ ଜର୍ଜରିତ। ବେକାର ଯୁବକଙ୍କୁ ନିଯୁକ୍ତି ବଦଳରେ ମିଳୁଛି ଲାଠିମାଡ଼। ଗତ ୪୫ ବର୍ଷ ମଧ୍ୟରେ ବେକାରି ସଂଖ୍ୟା ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ୨ କୋଟି ନିଯୁକ୍ତି ପ୍ରତିଶ୍ରୁତି ଦେଇଥିବା କେନ୍ଦ୍ର ସରକାର ପାଞ୍ଚ କୋଟି ବେରୋଜଗାରୀ ସୃଷ୍ଟି କରି ଯୁବ ସମାଜକୁ ଭକୁଆ ବନାଇ ଦେଇଛନ୍ତି। କେନ୍ଦ୍ର ସହ ତାଳ ଦେଇ ବେକାରି କ୍ଷେତ୍ରରେ ଓଡ଼ିଶା ସମଗ୍ର ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ଯୁବ କଂଗ୍ରେସ ରାଷ୍ଟ୍ରବ୍ୟାପୀ ବେକାରି ତାଲିକା ପ୍ରସ୍ତୁତ କରିବ। ବେକାରିର ଯନ୍ତ୍ରଣା ସ୍ୱରକୁ ପ୍ରତି ଗ୍ରାମ ଓ ଘରେ ପହଞ୍ଚାଇବାକୁ ଜିଲା, ରାଜ୍ୟ ଓ କେନ୍ଦ୍ର ସ୍ତରରେ 'ୟଙ୍ଗ ଇଣ୍ଡିଆ କେ ବୋଲ' ଶୀର୍ଷକ ବେକାରି ମତପ୍ରକାଶ ଶିବିର ଆୟୋଜିତ ହେବ ବୋଲି ଭଣ୍ଡାରିପୋଖରୀ ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳ ପକ୍ଷରୁ କୁହାଯାଇଛି। ଯୁବ କଂଗ୍ରେସର ୟଙ୍ଗ ଇଣ୍ଡିଆ କେ ବୋଲ କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ଆଶୁତୋଷ ଚାଟାର୍ଜୀ, ଭଦ୍ରକ ଜିଲା ସଂଯୋଜକ ବିଶ୍ୱରଞ୍ଜନ ଦାସ, ଜିଲା ଯୁବ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ କୁମାର ଦାସ, ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ବିଜୟ ଶଙ୍କର ମହାନ୍ତି, ବନ୍ତ ବ୍ଲକ ଯୁବନେତା ରାଜକିଶୋର ପଣ୍ଡା, ବ୍ଲକ କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦ, ଯୁବନେତା ପ୍ରଶାନ୍ତ କୁମାର ସାହୁ, ମଦନ ଭାରତୀ, ଯତୀନ୍ଦ୍ର ସାହୁ, ପ୍ରମୋଦ ଦାଶ, ମନୋଜ ମହାନ୍ତି, ବଟକୃଷ୍ଣ ଦାସ, ଉପେନ୍ଦ୍ର ପରିଡ଼ା ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: ଭାଜପା ଏକାଦଶ ବିଜୟୀ

ଭଦ୍ରକ ଅଫିସ,୧।୩

ଭଦ୍ରକ ଇଷ୍ଟକୋଷ୍ଟ ରେଲୱେ କ୍ରିକେଟ ଏକାଡେମୀ ଆନୁକୂଲ୍ୟରେ ରବିବାର ଚରମ୍ପା ରେଲୱେ ପଡ଼ିଆରେ ମିଡିଆ ଏକାଦଶ ଓ ଜିଲା ଭାଜପା ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟସ୍ ଜିତି ପ୍ରଥମେ ମିଡିଆ ଏକାଦଶ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୧୦ ଉଇକେଟ ହରାଇ ୭୧ ରନ୍ କରିଥିଲା। ଭାଜପା ଏକାଦଶ ୨ ଉଇକେଟ ହରାଇ ୮ ଓଭରରେ ଆବଶ୍ୟକ ରନ୍ କରି ବିଜୟୀ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ବିରୋଧୀ ଦଳ ଉପନେତା ତଥା ବିଧାୟକ ବିଷ୍ଣୁଚରଣ ସେଠୀ, ଅଭିମନ୍ୟୁ ସେଠୀ, ବଦ୍ରିନାରାୟଣ ଧଳ ଓ ଡା. ପ୍ରଦୀପ ନାୟକ ପ୍ରମୁଖ ଯୋଗଦେଇ ଭାଜପା ଏକାଦଶକୁ ଟ୍ରଫି ସହ ୨୦୦୦ ଟଙ୍କା ଓ ରନର୍ସଅପ୍‌କୁ ୧୦୦୦ ଟଙ୍କା ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ କେ.ଭି. ପ୍ରସାଦ। ଈଶ୍ୱର ରାଓ, ରମାକାନ୍ତ ଜେନା ଅମ୍ପାୟର, କୋଚ୍ ଭାବେ ଲାଲା ପ୍ରମୋଦ ରାୟ, ଅଭିନାଶ ପଣ୍ଡା, ରମେଶ ପାଗଳ, ସଞ୍ଜୟ ଦାସ ଓ ରଶ୍ମିରଞ୍ଜନ ସାହୁ ସହଯୋଗ କରିଥିଲେ।



ଖେଳାଳିଙ୍କ ସହ ଅତିଥି।

## ଅବକାରୀ ଓ ଫ୍ଲାଇଂ ସ୍କ୍ୱାଡ୍‌ର ମିଳିତ ଚଢ଼ାଉ

### ୩୫୦ ଲିଟର ରନ୍ଧାମଦ ଜବତ

ପଦ୍ମପୁର,୧।୩(ଡି.ଏନ.ଏ.)

ଭଦ୍ରକ ସଦର ବ୍ଲକର ଦୁଇଟି ସ୍ଥାନରେ ରବିବାର ସକାଳେ ଜିଲା ଅବକାରୀ ବିଭାଗ ଓ ଫ୍ଲାଇଂ ସ୍କ୍ୱାଡ୍ ମିଳିତ ଚଢ଼ାଉ କରି ୩୫୦ ଲିଟର ଦେଶୀ ରନ୍ଧାମଦ ଜବତ କରିଛନ୍ତି। ବ୍ଲକ ଅଧୀନ ସାହାଡ଼ା ଗ୍ରାମର ନିରୁପମା ବେହେରା ନାମ୍ନୀ ଜଣେ ମହିଳାଙ୍କ ଘରୁ ୩୦୦ ଲିଟର ଜବତ ସହ ତାଙ୍କୁ ଗିରଫ କରାଯାଇଛି। ଏ ନେଇ ଏକ ମାମଲା (ନଂ.୨୮୩/୨୦) ରୁଜୁ ହୋଇଛି। ସେହିପରି ଏରଡ଼ା ପଞ୍ଚାୟତର ବଜାରଠାରେ ଏକ ବାଇକ୍‌ରେ ରନ୍ଧାମଦ ନେଇ ଯାଉଥିବାବେଳେ ଗଦାଧର ବେହେରା ନାମକ ଜଣେ ବ୍ୟକ୍ତି ସ୍କ୍ୱାଡ୍ ହାତରେ ଧରାପଡ଼ିଛନ୍ତି। ତାଙ୍କଠାରୁ ୫୦ ଲିଟର ମଦ ସହ ବାଇକ୍ ଜବତ କରାଯାଇଛି। ଏ ନେଇ ମାମଲା(ନଂ.୫୭/୨୦) ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି। ଜିଲା ଅବକାରୀ ବିଭାଗର ସହଯୋଗୀ ଆରକ୍ଷୀ ଅଧୀକ୍ଷକ ଦିଲୀପ କୁମାର ପଲାଇ, ଏସ୍ଆଇ ସଚିନ ବେହେରା, ନଟବର ମଲ୍ଲିକ, ଇନ୍ସପେକ୍ଟର ରବିନାରାୟଣ ପ୍ରଧାନ, ଏସ୍ଆଇ ଭବେଶ ଦାସ, ସ୍ୱନ୍ଦନ ମହାନ୍ତି ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।



ଜବତ ମଦ ସହ ଗିରଫ ବେପାରୀ।

## ଅଙ୍ଗନୱାଡି କର୍ମୀଙ୍କୁ ସଂଘବଦ୍ଧ ଆକ୍ରମଣ

ପଦ୍ମପୁର, ୧।୩ (ଡି.ଏନ.ଏ.) ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଜଗନ୍ନାଥପ୍ରସାଦ ଅଞ୍ଚଳର ଜଣେ ଅଙ୍ଗନୱାଡି କର୍ମୀଙ୍କୁ କେତେଜଣ ବ୍ୟକ୍ତି ସଂଘବଦ୍ଧ ଭାବେ ଆକ୍ରମଣ କରିଥିବା ନେଇ ଶନିବାର ନାୟକାଣିଡିହୀ ଥାନାରେ ଅଭିଯୋଗ ହୋଇଛି। କର୍ମୀଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମରେ ଅଙ୍ଗନୱାଡି ଗୃହ ନ ଥିବାରୁ ସେ ବିଦ୍ୟାଳୟ ବାରଣ୍ଡାରେ ପିଲାମାନଙ୍କୁ ବସାଇ ପାଠ ପଢ଼ାଉଥିଲେ। ଏହାକୁ କେତେଜଣ ଗ୍ରାମବାସୀ ବିରୋଧ କରିବା ସହ ତାଙ୍କୁ ଗାଳିଗୁଲଜ କରି ମାଡ଼ ମାରିଥିଲେ। ସେମାନେ ତାଙ୍କଠାରୁ ଉପସ୍ଥାନ ଖାତା ଓ ଅନ୍ୟାନ୍ୟ କାଗଜପତ୍ର ଛଡ଼ାଇ ନେଇଥିଲେ। ଘଟଣାର ତଦନ୍ତ ଚାଲିଥିବା ପୋଲିସ କହିଛି।

## ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଦେଲେ ୮୬୭ ଛାତ୍ରୀଛାତ୍ର

ବନ୍ତ,୧।୩ (ଡି.ଏନ.ଏ.)

ବନ୍ତ ବ୍ଲକ ପଳାସଗଡ଼ିଆସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷରେ ନାମଲେଖା ପାଇଁ ରବିବାର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ୮୬୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ସୂଚନା ମିଳିଛି। ୬ଷ୍ଠ ଶ୍ରେଣୀରେ ନାମଲେଖା ପାଇଁ ୫୭୭ ଜଣ, ଲାଟେରାଲ ଏଣ୍ଟ୍ରିରେ ୭ମ ଶ୍ରେଣୀ ଲାଗି ୭୫, ୮ମ ଶ୍ରେଣୀ ୧୪୧, ୯ମ ଶ୍ରେଣୀ ପାଇଁ ୭୪ ଜଣ ପରୀକ୍ଷା ଦେଇଛନ୍ତି। ୬ଷ୍ଠ ଶ୍ରେଣୀ ପରୀକ୍ଷାର୍ଥୀଙ୍କ ପାଇଁ ୫୨ ମାର୍କର ପରୀକ୍ଷା ସକାଳ ୯ଟାରୁ ୧୧ଟା ଏବଂ ଲାଟେରାଲ ଏଣ୍ଟ୍ରି ପରୀକ୍ଷାର୍ଥୀଙ୍କ ଲାଗି ୧୦୦ ମାର୍କର ପରୀକ୍ଷା ୯ଟାରୁ ୧୨ଟା ପର୍ଯ୍ୟନ୍ତ ହୋଇଥିଲା। ସୁପରିଣ୍ଟେଣ୍ଡେଣ୍ଟ ଭାବେ ଭାରପ୍ରାପ୍ତ ଅଧକ୍ଷ ମନୋରଞ୍ଜନ ବଳ, ଅବ୍‌ଜରଭର ଭାବେ ବ୍ଲକ ଶିକ୍ଷାଧିକାରୀ ବାସନ୍ତୀ କୁମାରୀ ମିଶ୍ର ଓ ବନ୍ତ ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷକ ଉପେନ୍ଦ୍ର ପ୍ରସାଦ ପାଢୀ ରହିଥିଲେ। ସେହିଭଳି ୩୪ ଶିକ୍ଷକ ଇନ୍‌ଭିଜିଲେଟର ଦାୟିତ୍ୱ ତୁଲାଇଥିଲେ।

## ମୟୂରଭଞ୍ଜ

### ଯୁବକଙ୍କ ମୃତଦେହ ଉଦ୍ଧାର

କପ୍ତିପଦା,୧।୩(ଡ଼ି.ଏନ୍.ଏ.)- କପ୍ତିପଦା ଥାନା ଅଧୀନ ପେଡ଼ାଗଡ଼ି ଆମ୍ବତୋଟାରୁ ପୋଲିସ ରବିବାର ସକାଳେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି। ମୃତ ଯୁବକ ଜଣକ ହେଲେ ସେହି ଗ୍ରାମର ବ୍ରଜକିଶୋର ବିନ୍ଧାଣୀ। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪/୨୦୨୦) ରୁଜୁ ହୋଇଛି। ଘଟଣାସ୍ଥଳରୁ ମୃତ ବ୍ରଜ କିଶୋରଙ୍କ ଘର ମାତ୍ର ଶହେ ମିଟର ଦୂରରେ ହୋଇଥିବା ବେଳେ ତାଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନାହିଁ।

### ୨ ଗାଡ଼ି ଜବତ : ୩୫ ହଜାର ଜରିମାନା

କୁଆମରା,୧।୩(ଡ଼ି.ଏନ୍.ଏ.)- ଗୋପବନ୍ଧୁ ନଗର ବ୍ଲକ ଅଞ୍ଚଳରେ ପ୍ରବାହିତ ସୋନ ନଦୀର ଜୟପୁର ଅଞ୍ଚଳରୁ ବେଆଇନ ଭାବେ ବାଲି ଚାଲାଣ ଅଭିଯୋଗରେ ତହସିଲ କର୍ତ୍ତୃପକ୍ଷ ୨ ଟି ଗାଡ଼ି ଜବତ କରିଛନ୍ତି। ଜବତ ହୋଇଥିବା ଡମ୍ପରଠାରୁ ୨୫ ହଜାର ଓ ଏକ ଟ୍ରାକ୍ଟରଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

### ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

ଚିତ୍ରଡା,୧।୩(ଡି.ଏନ୍.ଏ.): ମୋରଡ଼ା ଥାନା ଅଧୀନ ହଳଦୀପାଳର ପାରିଆଉଡା ନିକଟରେ ରବିବାର ସନ୍ଧ୍ୟାରେ ଏକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଆହତ ବାଇକ ଆରୋହୀଙ୍କୁ ଚିକିତ୍ସା ପାଇଁ ବାରମାଇଲ ସ୍ଥିତ କିଷାନତାଣ୍ଡି ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଛି। ଏକ ବାଛୁରୀ ସହ ଧକ୍କା ହେବାରୁ ସେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଆହତ ବାଇକ ଆରୋହୀଙ୍କ ପରିଚୟ ଜଣା ପଡ଼ିନାହିଁ।

### ପୋଡ଼ିହୋଇ ମହିଳାଙ୍କ ମୃତ୍ୟୁ, ସ୍ୱାମୀ ଗିରଫ

ରାଇରଙ୍ଗପୁର,୧।୩(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ହାଟବାଦଡ଼ା ଗ୍ରାମ ପାତ୍ର ସାହି ବସ୍ତିରେ ଗତ ୧୯ ତାରିଖରେ ସୀମା ପାତ୍ର ନାମ୍ନୀ ଜଣେ ମହିଳା ପୋଡ଼ି ହୋଇ ମୃତ୍ୟୁବରଣ କରିଥିଲେ। ସୀମାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ବାପଘର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୭୨/୨୦୨୦) ରୁଜୁକରି ତଦନ୍ତ ଚଳାଇଥିଲା। ଏହି ଘଟଣାରେ ସ୍ୱାମୀ ବୀରେନ୍ଦ୍ର ପାତ୍ରଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।

# ଜିଲାରେ ଗାଡ଼ି ଚେକିଂ କଡ଼ାକଡ଼ି

### ଜଣେ ଚାଳକଙ୍କୁ ସର୍ବାଧିକ ୨୦ ହଜାର ଜରିମାନା

ବାରିପଦା ଅଫିସ, ୧।୩

ନୂଆ ମୋଟର ଯାନ ଆଇନ ରବିବାରଠାରୁ ରାଜ୍ୟରେ କଡ଼ାକଡ଼ି ଲାଗୁ ହୋଇଛି। ଏହି ପରିପ୍ରେକ୍ଷୀରେ ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ପୋଲିସ ଓ ଆରଟିଓ ବିଭାଗ ପକ୍ଷରୁ ଗାଡ଼ି ଚେକିଂ କରାଯାଇଥିଲା। ସହରର ପାଲବଣି ଗୋଲେଇ ଛକଠାରେ ଆରଟିଓ କାର୍ଯ୍ୟାଳୟ ପକ୍ଷରୁ ହୋଇଥିବା ଚେକିଂରେ ୫୦ ଜଣ ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି। ଜଣେ ବାଇକ୍ ଚାଳକଙ୍କୁ ସର୍ବାଧିକ ୨୦ ହଜାର ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ଚାଳକ ଜଣଙ୍କ ମଦ୍ୟପାନ କରି ଗାଡ଼ି ଚାଳନା କରୁଥିବା ବେଳେ ଗାଡ଼ିର କାଗଜପତ୍ର ମଧ୍ୟ ତାଙ୍କ ପାଖରେ ନ ଥିବାରୁ ଏହି ଜରିମାନା କରାଯାଇଥିବା ଜଣାପଡ଼ିଛି। ସହରଠାରୁ ଆରମ୍ଭ କରି ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ପୋଲିସ ପକ୍ଷରୁ ଚେକିଂ କରାଯାଉଥିବା ଦେଖିବାକୁ ମିଳିଥିଲା। ବିଶେଷ କରି ମଦ୍ୟପାନ କରି ଗାଡ଼ି ଚଲାଇବା, ଦ୍ରୁତଗତିରେ ଗାଡ଼ି ଚଲାଇବା ବେଳେ ମୋବାଇଲ୍ ଫୋନ୍ ବ୍ୟବହାର, ହେଲ୍‌ମେଟ ଓ ସିଟ୍ ବେଲ୍ଟ ନ ପିନ୍ଧି ଗାଡ଼ି ଚଲାଇବା ନେଇ ଚେକିଂ କରାଯାଇଥିଲା। ରାତିରେ ମଧ୍ୟ ଚେକିଂ କଡ଼ାକଡ଼ି କରାଯାଉଥିବା ସୂଚନା ମିଳିଛି।



ଆରଟିଓ ପକ୍ଷରୁ ଗାଡ଼ି ଚେକିଂ କରାଯାଉଛି।

## ୪ କେନ୍ଦ୍ରରେ ୮୦୪ ଯୁକ୍ତ ୨ ପରୀକ୍ଷାର୍ଥୀ

କୁଆମରା,୧।୩(ଡ଼ି.ଏନ୍.ଏ.)

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଆସନ୍ତା ୩ ତାରିଖରୁ ଯୁକ୍ତ ୨ ପରୀକ୍ଷା ଅନୁଷ୍ଠିତ ହେବ। ଗୋପବନ୍ଧୁ ନଗର ବ୍ଲକ ଅଧୀନ ୪ଟି କେନ୍ଦ୍ରରେ ରେଗୁଲାର ଓ ଏକ୍ସରେଗୁଲାର ଛାତ୍ରୀଛାତ୍ରଙ୍କୁ ମିଶାଇ ମୋଟ ୮୦୪ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ପୁରୁଣା ବାରିପଦା ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୭୦, ବିଜ୍ଞାନରେ ୩୦ ଓ ଭୋକେଶନାଲରେ ୩୭ ଜଣ ପରୀକ୍ଷା ଦେବେ। କୁଆମରା ସାରସ୍ୱତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୭୮ ଓ ବିଜ୍ଞାନରେ ୬୬ଜଣ ଏବଂ ସାଇଁକୁଳା ପଞ୍ଚପଲୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୧୧ ଜଣ, ଖୁଣ୍ଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳାରେ ୧୫୧ ଓ ବିଜ୍ଞାନରେ ୬୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି।

## ୩୯୩ ନିର୍ମାଣ ଶ୍ରମିକଙ୍କୁ ସାଇକେଲ୍ ବଣ୍ଟନ



ସାଇକେଲ ବଣ୍ଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ନିର୍ମାଣ ଶ୍ରମିକ।

ଉଦଳା,୧।୩(ଡ଼ି.ଏନ୍.ଏ.)

କପ୍ତିପଦା ଉପଖଣ୍ଡ ଉଦଳା, କପ୍ତିପଦା, ଗୋପବନ୍ଧୁନଗର ଏବଂ ଖୁଣ୍ଟା ବ୍ଲକ ଅଧୀନ ୩୯୩ ଜଣ ନିର୍ମାଣ ଶ୍ରମିକଙ୍କୁ ଶ୍ରମ ବିଭାଗ ପକ୍ଷରୁ ସାଇକେଲ୍ ବଣ୍ଟନ କରାଯାଇଛି। ସେଥିମଧ୍ୟରୁ ମହିଳା ଶ୍ରମିକଙ୍କ ସଂଖ୍ୟା ୧୫୪ ଏବଂ ପୁରୁଷ ଶ୍ରମିକଙ୍କ ସଂଖ୍ୟା ୨୩୯ ବୋଲି ଜଣାପଡିଛି । ଉଦଳା ସହକାରୀ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏହି ସାଇକେଲ ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା। କୋଅର୍ଡିନେଟର ତାରିଣୀ ପ୍ରସନ୍ନ ବେହେରା, ରାଜୀବ ଯାଦବ, କାର୍ତ୍ତିକ ପ୍ରଧାନ, ସବିତା ଗାମାରାୟ ପ୍ରମୁଖ ଉପସ୍ଥିତ ରହି ଶ୍ରମିକମାନଙ୍କୁ ସାଇକେଲ ବଣ୍ଟନ କରିଥିଲେ ।

## କାମ ଗୋଟିଏ, ୨ ବିଭାଗରୁ ବିଲ୍ ପ୍ରଦାନ

ଖୁଣ୍ଟା,୧।୩(ଡ଼ି.ଏନ୍.ଏ.)

ଗୋପବନ୍ଧୁ ନଗର ବ୍ଲକ ଅଧୀନ ପସୁଦା ପଞ୍ଚାୟତର ଏକ ଗ୍ରାମରେ ଗୋଟିଏ କାମକୁ ଦୁଇଟି ବିଭାଗରୁ ବିଲ୍ ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ୨୦୧୮-୧୯ ଆର୍ଥିକ ବର୍ଷରେ ଉକ୍ତ ଗ୍ରାମର ଜଣେ ବ୍ୟକ୍ତି ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଏକ ଚାଷ ଭିତ୍ତିକ ପୋଖରୀ ଖୋଳିଥିଲେ। ତେବେ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ବିଭାଗ ପକ୍ଷରୁ ଉକ୍ତ କାର୍ଯ୍ୟର ଫଟୋ ଉଠାଯିବା ସହିତ କାର୍ଯ୍ୟ ବାବଦକୁ ବ୍ୟୟ ବରାଦ ଥିବା ମୋଟ ୨ ଲକ୍ଷ ୪୭ ହଜାର ଟଙ୍କାରୁ ୨ ଲକ୍ଷ ୨୫ ହଜାର ଟଙ୍କା ବିଲ୍ ପ୍ରଦାନ କରାଯାଇଥିଲା । ଅପରପକ୍ଷେ ସେହି ସମାନ ଆର୍ଥିକ ବର୍ଷରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବାପାଙ୍କ ନାମରେ ଏକ ଫାର୍ମପଣ୍ଡ ଖୋଳିବା ପାଇଁ ଗୋପବନ୍ଧୁନଗର ବ୍ଲକ ପ୍ରଶାସନ ପକ୍ଷରୁ ଏମଜିଏନଆରଇଜିଏସ ଯୋଜନାରେ ଏକ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ତେବେ ବ୍ଲକ ପକ୍ଷରୁ ସମସ୍ତ ପ୍ରକାର ଯାଞ୍ଚ ପ୍ରକ୍ରିୟା ପରେ ଉକ୍ତ ଫାର୍ମପଣ୍ଡ ଖୋଳିବା ବାବଦରେ ମୋଟ ଅଟକଳ ୧ ଲକ୍ଷ ୬୭ ହଜାର ଟଙ୍କାରୁ ୧ ଲକ୍ଷ ୨୫ ହଜାର ୭୯୨ ଟଙ୍କା ପ୍ରଦାନ କରାଯାଇଥିଲା। ଏନେଇ ଗ୍ରାମରପ ଜନୈକ ବ୍ୟକ୍ତି ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ପୁଅ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଖୋଳିଥିବା ପୋଖରୀଟିକୁ ଦର୍ଶାଇ ବାପା ଏମଜିଏନଆରଇଜିଏସ ଯୋଜନା ମାଧ୍ୟମରେ ଟଙ୍କା ଉଠାଣ କରିଛନ୍ତି ନା ବାପା ଖୋଳିଥିବା ଫାର୍ମପଣ୍ଡଟିକୁ ଦର୍ଶାଇ ପୁଅ ଟଙ୍କା ଉଠାଣ କରିଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଗୋପବନ୍ଧୁନଗର ବ୍ଲକ ବିଡ଼ିଓ ରବୀନ୍ଦ୍ର କୁମାର ମଲିକଙ୍କୁ ପଚାରିବାରୁ ବ୍ଲକ କାର୍ଯ୍ୟାଳୟରେ ଏ ସମ୍ପର୍କିତ ଅଭିଯୋଗ ପହଞ୍ଚି ନାହିଁ, ଅଭିଯୋଗ ଆସିଲେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

# ସେମିରେ ସୁନ୍ଦରଗଡ଼, ବାରିପଦା ଟିମ୍

### ଏସ୍‌ଡିସି କପ୍ ଫୁଟବଲ ଲିଗ୍ ମ୍ୟାଚ୍

ବାରିପଦା ଅଫିସ,୧।୩

ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିକାଶ ବିଭାଗ ପ୍ରାୟୋଜିତ ସ୍ୱତନ୍ତ୍ର ଉନ୍ନୟନ ପରିଷଦ (ଏସ୍‌ଡିସି) ପକ୍ଷରୁ ଗତ ୨୪ତାରିଖରୁ ଆରମ୍ଭ ହୋଇଥିବା ଫୁଟବଲ୍ ଲିଗ୍ ମ୍ୟାଚ୍ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ଜିଲାପାଳ ବିନୀତ ଭରଦ୍ୱାଜ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ, ବାରିପଦା ଆଇଟିଡିଏ ପିଏ ବିଜନ କୁମାର ଥମ୍ୱ, ମହାରାଣୀ ରଶ୍ମୀ ରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ଜିଲା କ୍ରୀଡ଼ା ଅଧିକାରୀ ଭୋଜରାଜ ମହାପାତ୍ର, ଓଡ଼ିଶା ଫୁଟବଲ ଆସୋସିଏଶନର ଉପସଭାପତି ପ୍ରଦୀପ କୁମାର ମହାନ୍ତି, ପୂର୍ବତନ ଏସ୍‌ଡିସି ଅଧ୍ୟକ୍ଷ ଡା.ଦେବାଶିଷ ମାରାଣ୍ଡି, ମୟୂରଭଞ୍ଜ କ୍ରୀଡା ସଂସଦର ସାଧାରଣ ସମ୍ପାଦକ କିଶୋର କୁମାର ବିଶ୍ୱାଳ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ଅତିରିକ୍ତ ଜିଲାପାଳ ସ୍ୱଧା ଦେବ ସିଂ, ଡିଆରଡିଏ ପିଡି ଚଞ୍ଚଲ ରଣା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏସ୍‌ଡିସି କପ୍ ରାଜ୍ୟ ଅର୍ଗାନାଇଜିଙ୍ଗ କମିଟିର ସଦସ୍ୟ ତଥା ନୋଡାଲ୍ ଅଧିକାରୀ ଡ. ପ୍ରିୟବ୍ରତ ମାଝି ସ୍ୱାଗତ ଭାଷଣ ଦେଇଥିଲେ। ଲିଗ୍ ମ୍ୟାଚ୍‌ର ଉଦ୍‌ଯାପନୀ ଦିବସର ପ୍ରଥମ ପର୍ଯ୍ୟାୟରେ ବାରିପଦା ବନାମ୍ ନବରଙ୍ଗପୁର (ମହିଳା ବର୍ଗ) ଓ ନବରଙ୍ଗପୁର ବନାମ୍ ରାୟଗଡା (ପୁରୁଷ) ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଗଜପତି ବନାମ ରାୟଗଡା (ମହିଳା ବର୍ଗ) ଓ ବାରିପଦା ମୟୂରଭଞ୍ଜ ବନାମ ସୁନ୍ଦରଗଡ (ପୁରୁଷ ବର୍ଗ) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଥମ ପର୍ଯ୍ୟାୟ ପ୍ରଥମ ମ୍ୟାଚ୍‌ରେ ମହିଳା ବର୍ଗର ବାରିପଦା ଟିମ୍ ୯-୦ ଗୋଲରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ପୁରୁଷ ବର୍ଗରେ ନବରଙ୍ଗପୁର ୭-୦ ରେ ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟର ତୃତୀୟ ମ୍ୟାଚ୍‌ରେ ମହିଳା ବର୍ଗର ରାୟଗଡା ୧-୦ ଗୋଲରେ ଓ ଚତୁର୍ଥ ମ୍ୟାଚ୍ (ପୁରୁଷ ବର୍ଗ) ବାରିପଦା ୧-୧ଗୋଲରେ ବିଜୟୀ ହୋଇଥିଲା। ଉକ୍ତ ମ୍ୟାଚରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ବାରିପଦା (ମହିଳା ଟିମ୍) ଦଳର ପ୍ରୀତିଲତା ହେମ୍ବ୍ରମ୍, ପୁରୁଷ ବର୍ଗରେ ନବରଙ୍ଗପୁରର ପିଣ୍ଟୁ ଜାନୀ, ମହିଳା ବର୍ଗରେ ରାୟଗଡା ରଶ୍ମି ମିନିକା ଓ ବାରିପଦା ପୁରୁଷ ବର୍ଗରେ ଥବା ସୋରେନ୍ ଯୋଗ୍ୟ ବିବେଚିତ ହୋଇ ପୁରସ୍କୃତ ହୋଇଥିଲେ। ୫ଦିନ ଧରି ଅନୁଷ୍ଠିତ ହୋଇଥିବା ଜିଲାସ୍ତରୀୟ ଏହି ଲିଗ୍ ମ୍ୟାଚରେ ଉତ୍ତମ ଖେଳ ପ୍ରଦର୍ଶନ କରିଥିବା ସୁନ୍ଦରଗଡର ଉଭୟ ପୁରୁଷ ଓ ମହିଳା ଟିମ୍ ଏବଂ ବାରିପଦାର ଉଭୟ ମହିଳା ଓ ପୁରୁଷ ଟିମ୍ ପରବର୍ତ୍ତୀ ସେମିଫାଇନାଲ୍ ପର୍ଯ୍ୟାୟକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ମାର୍ଚ୍ଚ ୨ତାରିଖରେ କେନ୍ଦୁଝର ଓ ସୁନ୍ଦରଗଡଠାରେ ଅନୁଷ୍ଠିତ ହେବାକୁ ଥିବା ସେମିଫାଇନାଲ୍ ଲିଗ୍ ଫୁଟବଲ ମ୍ୟାଚ୍‌ରେ ଉଭୟ ଦଳ ଅଂଶଗ୍ରହଣ କରିବେ। ମାର୍ଚ୍ଚ ୫ତାରିଖ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ତଥା ପଞ୍ଚାୟତିରାଜ ଦିବସରେ ବାରବାଟୀ ଷ୍ଟାଡିୟମ୍ କଟକଠାରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଏହି ଲିଗ୍ ମ୍ୟାଚ୍‌ର ସଫଳ ରୂପାୟନ ପାଇଁ ଓଡିଶା ଫୁଟ୍‌ବଲ୍ ଆସୋସିଏଶନର ମ୍ୟାଚ କମିଶନର ସୁଜିତ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ଜଣେ ଖେଳାଳିଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ସଂକ୍ଷେପରେ

### ୪ ବଖରା ଜଳିଗଲା

ହାଟଡିହୀ,୧।୩(ଡି.ଏନ.ଏ.)- କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ବେଡିରା ଗ୍ରାମରେ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ଜଳିଯାଇଛି। ବିଦ୍ୟୁତ୍ ଶଟ୍‌ସର୍କିଟରୁ ଅଗ୍ନିକାଣ୍ଡ ଘଟି ଗ୍ରାମର ସନ୍ତୋଷ ଦାସ ଓ ପ୍ରଶାନ୍ତ ଦାସଙ୍କ ଘର ପୋଡ଼ିଯାଇଛି। ନିଆଁ ଲାଗି ସେମାନଙ୍କର ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ନଷ୍ଟ ହୋଇଯାଇଛି। ହାଟଡିହୀ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସାମାଜିକ କର୍ମୀ କଳ୍ପତରୁ ସେଠୀ ଅଗ୍ନିବିପନ୍ନଙ୍କୁ ଶୁଖିଲା ଖାଦ୍ୟ, ବସ୍ତ୍ର ଓ ସହାୟତା ଯୋଗାଇ ଦେଇଛନ୍ତି। ରାଜସ୍ୱ ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଉଛି।

### ପାଣିଟାଙ୍କି ଫାଟି ଶାଶୁ ବୋହୂ ଗୁରୁତର

ପାଟଣା,୧।୩(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ଟାଙ୍ଗରପଡା ପଞ୍ଚାୟତ ଅନ୍ତର୍ଗତ ବାଲିବନ୍ଧ ଗ୍ରାମରେ ରବିବାର ସକାଳେ ଏକ ସିମେଣ୍ଟ ପାଣି ଟାଙ୍କି ଫାଟି ଯିବାରୁ ଦୁଇଜଣ ମହିଳା ଗୁରୁତର ହୋଇଛନ୍ତି। ଗୁରୁତର ହୋଇଥିବା ମହିଳା ହେଉଛନ୍ତି ମନ ବିନ୍ଧାଣୀଙ୍କ ସ୍ତ୍ରୀ କମଳା ବିନ୍ଧାଣୀ ଓ ତାଙ୍କ ବୋହୂ ଶକୁନ୍ତଳା ବିନ୍ଧାଣୀ। ସୂଚନା ଅନୁଯାୟୀ, ଘରେ ଥିବା ଏକ ସିମେଣ୍ଟ ତିଆରି ଟାଙ୍କିରେ ପାଣି ଭର୍ତ୍ତି କରୁଥିବା ବେଳେ ତାହା ଫାଟି ଯାଇଥିଲା। ଉଭୟଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଅଧିକ ଚିକିତ୍ସା ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

### ଚୋରା କାଠ ବୋଝେଇ ଗାଡ଼ି ଜବତ

ପାଟଣା,୧।୩(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ଟାଙ୍ଗରପଡା ଗ୍ରାମରୁ ରବିବାର ପୂର୍ବାହ୍ନରେ ବନ ବିଭାଗ ପିଆଶାଳ ଗଣ୍ଡି ବୋଝେଇ ଟାଟା ଏସିଇ ଗାଡ଼ି ଜବତ କରିଛି। ଜବତ କାଠର ଆନୁମାନିକ ମୂଲ୍ୟ ୩୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ରେଞ୍ଜର ପବିତ୍ର ମୋହନ ନାଏକ ସୂଚନା ଦେଇଛନ୍ତି। ଗାଡ଼ିର ଚାଳକ ଓ କାଠ ମାଫିଆ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି।

### ଆଦର୍ଶ ବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷା

ହାଟଡିହୀ,୧।୩(ଡି.ଏନ.ଏ.)-କେନ୍ଦୁଝର ଜିଲା ହାଟଡିହୀ ବ୍ଲକରେ ଥିବା ଆଦର୍ଶ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷ ପାଇଁ ପ୍ରବେଶିକା ପରୀକ୍ଷା ପ୍ରିନ୍ସିପାଲ ନିତ୍ୟାନନ୍ଦ ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ମୋଟ ୬୫୭ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ପାଇଁ ନାମ ପଞ୍ଜୀକରଣ କରିଥିଲେ। ୩ ଜଣ ଅନୁପସ୍ଥିତ ଥିଲେ। ୬ଷ୍ଠ ଶ୍ରେଣୀରେ ୮୦ ସିଟ୍, ୭ମରେ ୨, ୮ମରେ ୭ ଓ ୯ମରେ ୧୧ ମୋଟ ୧୦୦ ସିଟ୍ ପାଇଁ ୬୫୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି।

### କେନାଲକୁ କାର୍ ଓଲଟି ୨ ଗୁରୁତର

ପାଟଣା,୧।୩(ସ୍ୱ.ପ୍ର.): କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅଧୀନ ଶରଧାପୁର ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ କାର୍ ଭାରସାମ୍ୟ ହରାଇ କେନାଲ ମଧକୁ ଓଲଟି ପଡ଼ିବାରୁ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଉଭୟଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପାଟଣାରୁ କେନ୍ଦୁଝର ଅଭିମୁଖେ ଯାଉଥିବା ବେଳେ କାର୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

### ବିଶ୍ୱଶାନ୍ତି ଗୀତାଯଜ୍ଞ

ବଉଳା, ୧।୩( ଡି.ଏନ.ଏ.)- ହାଟଡିହୀ ବ୍ଲକର ବାଲିବରେଇ ବିଦ୍ୟାଧରପୁର ମୁକ୍ତେଶ୍ୱର ମନ୍ଦିର ନିକଟରେ ୨୫ତମ ରୌପ୍ୟ ଜୟନ୍ତୀ ବିଶ୍ୱଶାନ୍ତି ଗୀତା ମହାଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ସାଳନ୍ଦୀ ନଦୀରୁ ୧୦୮ କଳସ ଆସି ଶୋଭାଯାତ୍ରା କରାଯାଇ ଯଜ୍ଞ ମଣ୍ଡପରେ ଘଟସ୍ଥାପନ କରାଯାଇଥିଲା। ପୂଜକ ଭାବେ ଅଶୋକ ଆଚାର୍ଯ୍ୟ, ପଣ୍ଡିତ ପୂର୍ଣ୍ଣ ସୁନ୍ଦର, ପଣ୍ଡିତ ଅକ୍ଷୟ କୁମାର ଷଡ଼ଙ୍ଗୀ, ପଣ୍ଡିତ ଲଳିତ ପ୍ରସାଦ, ପଣ୍ଡିତ ଗୋପାଳ ମିଶ୍ର ପ୍ରମୁଖ ରୀତିନୀତି ଅନୁଯାୟୀ ପୂଜା କରାଯାଇ ଶୁକ୍ରବାର ପୂର୍ଣ୍ଣାହୁତି ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଏହି ସମୟରେ ବିଧାୟକ ଭାଗୀରଥୀ ସେଠୀ, ସରପଞ୍ଚ ନିରୂପମା ପାତ୍ର, ଚିନ୍ମୟ ନାୟକ, ବୁଦ୍ଧଦେବ ଜେନା ପ୍ରମୁଖ ଉପସ୍ଥିତ ଥିଲେ। କମିଟି ପକ୍ଷରୁ ହଜାର ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

# କ୍ଷେତ୍ର ପରିଦର୍ଶନ ସହ ଉନ୍ନୟନ କାର୍ଯ୍ୟର ତଦାରଖ

**କେନ୍ଦୁଝରରେ କେନ୍ଦ୍ର ଜନଜାତି ବ୍ୟାପାର ବିଭାଗ ସଚିବ**

କେନ୍ଦୁଝର, ୧।୩(ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ଜନଜାତି ବ୍ୟାପାର ବିଭାଗ ସଚିବ ଦୀପକ ଖାଣ୍ଡେକର ଓ ରାଜ୍ୟ ସରକାରଙ୍କ ଅନୁସୂଚୀତ ଜନଜାତି ଓ ଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ ଉନ୍ନୟନ ବିଭାଗ ନିର୍ଦ୍ଦେଶକ ଗୁହା ପୁନମ ତାପସ କୁମାର ଶନିବାର କେନ୍ଦୁଝର ଗସ୍ତରେ ଆସି ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରିବା ସହ କେନ୍ଦୁଝରରେ ସୁବିଦ୍ୟା ଯୋଜନାର ରୂପରେଖ ସମ୍ପର୍କରେ ତଦାରଖ କରିଥିଲେ। ଗସ୍ତ ସମୟରେ ସେମାନେ ପ୍ରଥମେ ବାଂଶପାଳ ବ୍ଲକର ଚାଉଳଧୁଆ କଅଁସ ବହୁଭାଷୀ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ। ଏହାପରେ ଧନୁର୍ଜୟ ନାରାୟଣ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଥିବା ଜିଲା ଖଣିଜ ପ୍ରତିଷ୍ଠାନ ଛାତ୍ର ବୃତ୍ତି ପ୍ରଦାନ ଉତ୍ସବରେ ଉପସ୍ଥିତ ରହି କୃତୀ ଛାତ୍ରଛାତ୍ରୀମାନଙ୍କୁ ଛାତ୍ର ବୃତ୍ତି ବଣ୍ଟନ କରିଥିଲେ। ରାଙ୍କିସ୍ଥିତ ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ତିଆରି ହୋଇଥିବା ବହୁମୁଖୀ ଗୃହକୁ ଉଦ୍‌ଘାଟନ କରିବା ସହ ସେଠାରେ ଛାତ୍ରଛାତ୍ରୀମାନଙ୍କ ସହ ଭାବ ବିନିମୟ କରିଥିଲେ। ପରେ ହରିଚନ୍ଦନପୁର ବ୍ଲକ ଅଧିନସ୍ଥ ବକ୍ସିବାରିଗାଁ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଯାଇ ବିଦ୍ୟାଳୟ, ଛାତ୍ରାବାସ, ମିନି ଷ୍ଟାଡିୟମ ଇତ୍ୟାଦି ପରିଦର୍ଶନ କରିଥିଲେ ଓ ଏଠାରେ ଥିବା ଟୋଲ୍ ଫ୍ରି ଟେଲିଫୋନ୍‌ର କାର୍ଯ୍ୟକାରିତା ସମ୍ବନ୍ଧରେ ପଚାରି ବୁଝିଥିଲେ। ପରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କ ସହ ବିଦ୍ୟାଳୟର ସୁବିଧା ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ବାଂଶପାଳ ବ୍ଲକର ଆଦିମ ଜନଜାତି ଜୁଆଙ୍ଗବହୁଳ ଗାଁ ସାରିଆ ଗ୍ରାମରେ ଜୁଆଙ୍ଗ ଉନ୍ନୟନ ସଂସ୍ଥା ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ଏବଂ ଓଡିଶା ଆଦିମ ଜନଜାତି ସଶକ୍ତିକରଣ ଓ ଜୀବିକା ଉନ୍ନତି କରଣ କାର୍ଯ୍ୟକ୍ରମ (ଓପିଇଏଲଆଇପି)ତରଫରୁ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ବିଷୟରେ ଗ୍ରାମବାସୀମାନଙ୍କୁ ପଚାରି ବୁଝିଥିଲେ। ଏହାପରେ ଗୋନାସିକାସ୍ଥିତ ଜୁଆଙ୍ଗ ଉନ୍ନୟନ ସଂସ୍ଥାର କାର୍ଯ୍ୟାଳୟ ଗୃହ ଓ ଗୋନାସିକା ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ପରିଦର୍ଶନ ସାରି ଘଟଗାଁସ୍ଥିତ ମା’ ତାରିଣୀଙ୍କୁ ଦର୍ଶନ କରି ଭୁବନେଶ୍ୱର ଫେରି ଯାଇଥିବା ଜଣାପଡିଛି। ସେମାନଙ୍କ ଗସ୍ତରେ ଜିଲାପାଳ ଆଶିଷ ଠାକ୍‌ରେ,କେନ୍ଦୁଝର ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ନାରାୟଣ ମୁର୍ମୁ, ଜିଲା ମଙ୍ଗଳ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ଦାଶ,ଜୁଆଙ୍ଗ ଉନ୍ନୟନ ସଂସ୍ଥା(ଜେଡିଏ) ସ୍ୱତନ୍ତ୍ର ଅଧିକାରୀ ଜଗବନ୍ଧୁ ବେହେରା,ଜଙ୍ଗଲ ଅଧିକାର ଆଇନ ଅଫିସର ରାଜକିଶୋର ଦାଶ, ସୁବିଦ୍ୟାର ସିନିୟର କନସଲଟାଣ୍ଟ ସୋନି ରାଉତ ଓ ଆଇଟିଡିଏର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଜ୍ଞାନରଞ୍ଜନ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।


କେନ୍ଦ୍ର ଜନଜାତି ବ୍ୟାପାର ବିଭାଗ ସଚିବଙ୍କ ସହ ଅନ୍ୟାନ୍ୟ ଅଧିକାରୀମାନେ।

# ୧୧ ଘଣ୍ଟା ପଡ଼ି ରହିଲା ମୃତଦେହ

**ସରପଞ୍ଚଙ୍କ ହସ୍ତକ୍ଷେପ ପରେ କଲେ ସତ୍କାର**

ପାଟଣା, ୧।୩ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ସାହରପଡ଼ା ବ୍ଲକ ଦାମାହୁଦା ପଞ୍ଚାୟତ ବେଲସରେଇ ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଉକ୍ତ ଗ୍ରାମର ସାଧୁ ମୁଣ୍ଡା ନାମକ ଜଣେ ବ୍ୟକ୍ତିଙ୍କ ଶନିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ସେ ଯକ୍ଷ୍ମାରେ ପୀଡ଼ିତ ଥିଲେ। ନିଜ ଜ୍ଞାତି କୁଟୁମ୍ବ ଅନ୍ତିମ ସଂସ୍କାର କରିବା ତ ଦୂରର କଥା ମୃତଦେହ ମଧ୍ୟ ଛୁଇଁଲେ ନାହିଁ। ଫଳରେ ଘର ଭିତରେ ୧୧ ଘଣ୍ଟା ଧରି ମୃତଦେହ ପଡ଼ି ରହିଥିଲା।

ସୂଚନା ଅନୁଯାୟୀ, ସାଧୁ ଯକ୍ଷ୍ମାରେ ଦୀର୍ଘଦିନ ଧରି ଅସୁସ୍ଥ ରହିଥିଲେ। ସେ ଚାରିଆଡ଼େ ବୁଲି ଡାକ୍ତର ଦେଖାଇ ନୟାନ୍ତ ହୋଇଥିଲେ ମଧ୍ୟ ରୋଗ ଭଲ ହୋଇ ନ ଥିଲା। ଏଥିପାଇଁ ସେ ଦୁଶ୍ଚିନ୍ତାରେ ରହୁଥିଲେ। ସେ ରୋଗ ଭଲ ହେବା ଆଶାରେ ସେହି ଗ୍ରାମର ଏକ ନିର୍ଦ୍ଦିଷ୍ଟ ଧର୍ମାବଲମ୍ବୀଙ୍କ ଘରକୁ ଯାଇ ପୂଜା କରୁଥିଲେ। ଏଣୁ ତାଙ୍କ ମୃତ୍ୟୁ ପରେ ନିଜ ଜ୍ଞାତିକୁଟୁମ୍ବ ମୃତଦେହ ଛୁଇଁ ନ ଥିଲେ। ଏହି ଖବର ପାଇ ଦାମାହୁଦା ସରପଞ୍ଚ ଶିବାନୀ ଚାମ୍ପିଆ ସାଧୁଙ୍କ ଘରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିଥିଲେ। ଏହାପରେ ପରିବାର ଲୋକଙ୍କ ଉପସ୍ଥିତିରେ ନିଜ ବାଡ଼ିରେ ଅନ୍ତିମ ସଂସ୍କାର କରାଯାଇଥିଲା।

# ଆଜି ସେମିଫାଇନାଲ୍ ମ୍ୟାଚ୍

**ଏସ୍‌ଡିସି କପ୍-୨୦୨୦ ଫୁଟ୍‌ବଲ୍ ଚାମ୍ପିୟନ୍‌ଶିପ୍**

କେନ୍ଦୁଝର, ୧।୩ (ସ୍ୱ.ପ୍ର.)

ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟା ଲଘୁ ଓ ପଛୁଆ ବର୍ଗ ବିକାଶ ବିଭାଗ ଆନୁକୂଲ୍ୟରେ ଏସ୍‌ଡିସି କପ୍-୨୦୨୦ ଫୁଟ୍‌ବଲ୍ ଚାମ୍ପିୟନ୍‌ସିପ୍‌ର ସେମିଫାଇନାଲ ମ୍ୟାଚ୍ ଆସନ୍ତା ୨ତାରିଖ ସୋମବାର କେନ୍ଦୁଝର ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି। ସକାଳ ୮ ଘଟିକା ସମୟରେ ମହିଳା ବର୍ଗରେ କେନ୍ଦୁଝର ଜିଲା ମହିଳା ଫୁଟ୍‌ବଲ୍ ଦଳ ଏବଂ ସୁନ୍ଦରଗଡ଼ ଜିଲାର ମହିଳା ଫୁଟ୍‌ବଲ୍ ଦଳ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ପୁରୁଷ ବର୍ଗରେ ଅପରାହ୍ନ ୩ ଘଟିକା ସମୟରେ ବାରିପଦା ପୁରୁଷ ଦଳ ଏବଂ କୋରାପୁଟ ପୁରୁଷ ଦଳ ମଧ୍ୟରେ କେନ୍ଦୁଝର ଷ୍ଟାଡିୟମ୍‌ଠାରେ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ପରେ ପୁରସ୍କାର ବିତରଣ ଅନୁଷ୍ଠିତ ହେବ ବୋଲି କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଛି। ଅନ୍ୟତମ ସେମିଫାଇନାଲ ମ୍ୟାଚ୍ ପୁରୁଷ ବର୍ଗରେ ସୁନ୍ଦରଗଡ଼ଠାରେ ରାଇରଙ୍ଗପୁର ଏକାଦଶ ଓ ସୁନ୍ଦରଗଡ଼ ଏକାଦଶ ମଧ୍ୟରେ ଏବଂ ମହିଳା ବର୍ଗରେ ରାଇରଙ୍ଗପୁର ଏକାଦଶ ଏବଂ ବାରିପଦା ଏକାଦଶ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ଉଭୟ ପୁରୁଷ ଓ ମହିଳା ବର୍ଗର ଫାଇନାଲ ମ୍ୟାଚ୍ କଟକସ୍ଥିତ ବାରବାଟୀ ଷ୍ଟାଡିୟମ୍‌ଠାରେ ମାର୍ଚ୍ଚ ୫ ତାରିଖ ଦିନ ଅନୁଷ୍ଠିତ ହେବ ବୋଲି ସ୍ୱତନ୍ତ୍ର ଉନ୍ନୟନ ପରିଷଦ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

# ସଦର ଥାନା ଅଞ୍ଚଳରେ ସଶସ୍ତ୍ର ଡକାୟତି

**୨ ଜଣଙ୍କ ଘରୁ ଲୁଟିନେଲେ ଲକ୍ଷାଧିକ ଟଙ୍କାର ସୁନା ଗହଣା**

କେନ୍ଦୁଝର, ୧।୩(ସ୍ୱ.ପ୍ର.)

କେନ୍ଦୁଝର ସଦର ଥାନା ପୋଲିସର ନିଷ୍କ୍ରିୟତାର ସୁଯୋଗ ନେଇ ଡକାୟତମାନେ ଗୋଟିଏ ପରେ ଗୋଟିଏ ଲୁଟ ଘଟାଇ ଚାଲିଛନ୍ତି। ଏନେଇ ସାଧାରଣରେ ଭୟ ଓ ଆତଙ୍କ ଖେଳି ଯାଇଛି । ଶନିବାର ବିଳମ୍ବିତ ରାତିରେ ପଳାଶପଙ୍ଗା ପଞ୍ଚାୟତ ଜାମୁଡିହା ଗ୍ରାମର ଦୀପ୍ତି ରଞ୍ଜନ ପ୍ରଧାନ ଏବଂ ପଡୋଶୀ କମଳିନୀ ପ୍ରଧାନଙ୍କ ଘରେ କେତେକ ଦୁର୍ବୃତ୍ତ ପଶି ମାରଣାସ୍ତ୍ର ଦେଖାଇ ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଦିପ୍ତୀଙ୍କ ଘରୁ କବାଟତାଡି ଦୁର୍ବୃତ୍ତମାନେ ପ୍ରାୟ ୧୫୦ଗ୍ରାମ ଓଜନର ସୁନା ଗହଣା ଓ ଦୁଇଲକ୍ଷ ନଗଦ ଟଙ୍କା ଲୁଟି ନେଇଛନ୍ତି। ସେହିପରି କମଳିନୀଙ୍କ ଘରୁ ୧୫୦ଗ୍ରାମରୁ ଉର୍ଦ୍ଧ୍ୱ ସୁନାଗହଣା ଲୁଟି ନେଇଥିବା ଜଣାପଡିଛି । ପୋଲିସ ଘଟଣାସ୍ଥଳକୁ ଯାଇ ଛାନଭିନ ଆରମ୍ଭ କରିଥିଲେ ମଧ୍ୟ କାହାରିକୁ ଗିରଫ କରି ପାରି ନାହିଁ। ଗତ ମାସକ ମଧ୍ୟରେ ଏହି ଥାନା ଅଞ୍ଚଳରେ ଏହା ହେଉଛି ଚତୁର୍ଥ ଡକାୟତି ଘଟଣା । ଏହା ପୂର୍ବରୁ ବ୍ୟାଙ୍କଅଫ ଇଣ୍ଡିଆ ପଳାଶପଙ୍ଗା ଶାଖାରୁ ପାଖାପାଖି ୧୦ ଲକ୍ଷ ଟଙ୍କା ଲୁଟ ହୋଇଥିବା ବେଳେ ଏହାର କିଛିଦିନ ପରେ ହାଣ୍ଡିଭଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଥିବା କାନାରା ବ୍ୟାଙ୍କରୁ ଦିନ ଦ୍ୱିପ୍ରହରେ ମାରଣାସ୍ତ୍ର ଦେଖାଇ ଦୁର୍ବୃତ୍ତମାନେ ୪ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇ ଥିଲେ । ପୁଣି ଏହାର କିଛିଦିନ ପରେ ପର୍ଜନପୁର ପଞ୍ଚାୟତ କଲଣ୍ଡା ଗ୍ରାମର ନଗେନ୍ଦ୍ର ପ୍ରଧାନଙ୍କ ଘରେ ପଶି ବନ୍ଧୁକ ଓ ଭୁଜାଲି ଦେଖାଇ ୮ହଜାର ଟଙ୍କା ଓ ସୁନାଗହଣା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏଭଳି ବାରମ୍ୱାର ଲୁଟ ଓ ଡକାୟତି ଘଟଣାକୁ ନେଇ ପୋଲିସ ହାତ ବାନ୍ଧି ବସିଥିବାରୁ ସ୍ଥାନୀୟ ଅଞ୍ଚଳବାସୀ ଚିନ୍ତାରେ ରହୁଛନ୍ତି । ଏଭଳି ବାରମ୍ୱାର ଘଟଣା ସ୍ଥାନୀୟ ପୋଲିସର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

### ବ୍ୟାରେଜ ତଳୁ ମିଳିଲା ଯୁବକଙ୍କ ମୃତଦେହ

ଆନନ୍ଦପୁର, ୧।୩ (ସ୍ୱ.ପ୍ର.)

ଆନନ୍ଦପୁର ବ୍ୟାରେଜର ୫ ନଂ. ଗେଟ୍ ତଳେ ଜଣେ ଯୁବକଙ୍କ ମୃତଦେହକୁ ଆନନ୍ଦପୁର ପୋଲିସ ଉଦ୍ଧାର କରିଛି। ରବିବାର ମଧ୍ୟାହ୍ନ ସମୟରେ ସ୍ଥାନୀୟ ଜଣେ ଯୁବକ ବ୍ୟାରେଜ ତଳକୁ ଶୌଚ ହେବାକୁ ଯାଇଥିବା ବେଳେ ଯୁବକଙ୍କ ମୃତଦେହ ପଡିଥିବା ଦେଖିଥିଲେ। ଖବର ପ୍ରଚାରିତ ହେବା ପରେ ଆନନ୍ଦପୁର ପୋଲିସ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହି ମୃତଦେହକୁ ଉଦ୍ଧାର କରି ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଘସିପୁରା ଥାନା ଗୋହିରା ଗ୍ରାମର ଲକ୍ଷ୍ମୀଧର ନାୟକଙ୍କ ପୁଅ ଚତୁର୍ଭୁଜ ନାୟକ ୧୦ ଦିନ ହେବ ନିଖୋଜ ହେବା ସମ୍ପର୍କରେ ଆନନ୍ଦପୁର ଥାନାରେ ସୂଚନା ଦେବା ସହିତ ମୃତ ବ୍ୟକ୍ତିଙ୍କୁ ଚିହ୍ନଟ କରିଥିଲେ। ଆନନ୍ଦପୁର ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୯/୨୦୨) ରୁଜୁ କରି ଘଟଣାର ତଦନ୍ତ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ ନିକଟରୁ ସୂଚନା ମିଳିଛି।

# କଡ଼ାକଡ଼ି ହେଲା ଯାନବାହନ ଯାଞ୍ଚ


ପୋଲିସର ବାଇକ ତନଖି।

ଚମ୍ପୁଆ, ୧।୩(ଡି.ଏନ.ଏ)

ଚମ୍ପୁଆ ପୋଲିସ ପକ୍ଷରୁ ରବିବାର ଯାନବାହନ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ମହାବୀର ଛକଠାରେ ପୋଲିସ ପକ୍ଷରୁ ଯାଞ୍ଚ କରାଯାଇ ୧୦ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା କରାଯାଇଛି। ଚମ୍ପୁଆ ଏକ ଉପାନ୍ତ ଅଞ୍ଚଳ। ଏହି ଅଞ୍ଚଳରେ ଯାନ ଚଳାଚଳ ବୃଦ୍ଧି ପାଉଛି। ବାଇକ୍ ଚଳାଇବା ବେଳେ ଚାଳକ ହେଲ୍‌ମେଟ୍ ପିନ୍ଧିବା ସହିତ ଆବଶ୍ୟକ ନିୟମ ମାନିବା ଉପରେ କଡ଼ା ପଦକ୍ଷେପ ନିଆଯାଇଛି। କମ୍ ବୟସର ପିଲାମାନେ ଦ୍ରୁତଗତିରେ ବାଇକ୍ ଚଳାଉଥିବା ଯୋଗୁ ଦୁର୍ଘଟଣା ବଢୁଛି। ଏହାକୁ ପ୍ରତିହିତ କରିବା ଓ ମାର୍ଚ୍ଚ ୧ରୁ ଏହି ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରିବା ଲକ୍ଷ୍ୟରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଆଇଆଇସି ମନୋରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଯାଞ୍ଚ ଚାଲିଥିଲା।

# ପାଦ ମିଳିଥିଲା, ମିଳିଲା ଖପୁରି

**ହତ୍ୟାକାଣ୍ଡର ଖିଅ ଖୋଜୁଛି ପୋଲିସ**

ଯୋଡ଼ା, ୧।୩(ଡ଼ି.ଏନ୍.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହର ଉପକଣ୍ଠ ବାଂଶପାଣି ଟୋଲ ଗେଟ୍ ନିକଟବସ୍ତିରୁ ରବିବାର ସନ୍ଧ୍ୟାରେ ଯୋଡା ପୋଲିସ ଏକ ଶିଶୁର ଖପୁରୀ ଜବତ କରିଛି। ଏହାକୁ ନେଇ ପୋଲିସ ତଦନ୍ତ ଆରମ୍ଭ କରିଛି । ଏନେଇ ଯୋଡ଼ା ଥାନା ଅଧିକାରୀ ରାଇସେନ୍ ମୁର୍ମୁ କହିଛନ୍ତି ଯେ, ଗତ ଜାନୁୟାରୀ ୧୯ ତାରିଖରେ ଏହି ଅଞ୍ଚଳରୁ ଏକ ଶିଶୁର ପାଦ ପୋଲିସକୁ ମିଳିଥିଲା । ପାଦଟି ବସ୍ତିର ୩ ବର୍ଷର ଶିଶୁ ରୋହିତ ଓରାମ୍‌ଙ୍କର ବୋଲି ସେହି ସମୟରେ ତାଙ୍କ ମା’ ଶଶୀ ଓରାମ୍ ଦାବି କରିଥିଲେ । କାରଣ ଶିଶୁ ରୋହିତ କିଛି ଦିନ ତଳୁ ନିଖୋଜ ଥିଲେ। ଏନେଇ ଶିଶୁଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା । ଏହାକୁ ଭିତ୍ତି କରି ପୋଲିସ ତଦନ୍ତ ଚଳାଇଥିଲା । ରବିବାର ଅପରାହ୍ନରେ ରେଳ ଧାରଣା କଡରେ କିଛି ପିଲା ଖେଳୁଥିବା ବେଳେ ଖପୁରୀ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ବଡବିଲ ଏସଡିପିଓ ସତ୍ୟ ବିକାଶ ଭୂୟାଁ, ଯୋଡା ଥାନା ଆଇଆଇସି ସ ଦ ଳ ବ ଳେ ଘଟଣାସ୍ଥଳରେ ପହଞ୍ଚି ଖପୁରୀଟିକୁ ଜବତ କରିଥିଲେ। ଏହାର ପରୀକ୍ଷାନିରୀକ୍ଷା ପାଇଁ ଗବେଷଣାଗାରକୁ ପଠା ଯିବ ଓ ପୂର୍ବରୁ ମିଳିଥିବା ପାଦ ଓ ରବିବାର ମିଳିଥିବା ଖପୁରୀର ମେଳ କରାଇବା ପରେ ଅତି ଶୀଘ୍ର ଏହି ଘଟଣାର ପର୍ଦ୍ଦାଫାସ ହେବ ବୋଲି ଥାନାଅଧିକାରୀ ମୁର୍ମୁ କହିଛନ୍ତି।


ଯୋଡା ପୋଲିସ ଉଦ୍ଧାର କରିଥିବା ଶିଶୁର ଖପୁରୀ।

### ଡ୍ରାଇଭରଙ୍କୁ ମାଡ଼ ମାରି ଲୁଟ୍ ଉଦ୍ୟମ

ଯୋଡ଼ା,୧।୩(ଡ଼ି.ଏନ୍.ଏ.)

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ କେଏମସି ମାଇନ୍‌ସ୍ ନିକଟରେ ଲୁଟ୍ ଉଦ୍ୟମ କରୁଥିବା ଦୁର୍ବୃତ୍ତଙ୍କୁ ବିରୋଧ କରିବାରୁ ଜଣେ ଡ୍ରାଇଭରଙ୍କୁ ନିସ୍ତୁକ ମାଡ଼ ମରାଯାଇଥିବା ନେଇ ଶନିବାର ଥାନାରେ ଲିଖିତ ଅଭିଯୋଗ ହୋଇଛି । ପୋଲିସ ସୂଚନାନୁଯାୟୀ, ଶୁକ୍ରବାର ବିଳମ୍ବିତ ରାତିରେ ଡ୍ରାଇଭର ଦିଲ୍ଲୀପ କୁମାର ଦାସ ଟ୍ରକ ନେଇ ଯାଉଥିବା ବେଳେ କିଛି ଦୁର୍ବୃତ୍ତ ଟ୍ରକକୁ ଅଟକାଇ ଲୁଟ୍ ଉଦ୍ୟମ କରିଥିଲେ। ଦିଲୀପ ବିରୋଧ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ନିସ୍ତୁକ ମାଡ଼ ମାରି ସେଠାରୁ ଫେରାର ହୋଇ ଯାଇଥିଲେ। ଏନେଇ ପୋଲିସ ଏକ ମାମଲା(ନଂ ୩୦/୨୦୨୦) ରୁଜୁ କରି ତଦନ୍ତ ଚଳାଇଛି।

### ବ୍ୟାଙ୍କ ଫିଲ୍ଡ ଅଫିସରଙ୍କୁ ମାଡ଼: ଜଣେ ଗିରଫ

ଢେଙ୍କିକୋଟ, ୧।୩(ଡି.ଏନ.ଏ.)

ପଣ୍ଡାପଡ଼ା ଥାନା ଅନ୍ତର୍ଗତ ବକ୍ସିବାରି ଗାଁ ପରିଦର୍ଶନରେ ଯାଇଥିବା ଜଣେ ବ୍ୟାଙ୍କ ଫିଲ୍‌ଡ ଅଫିସରଙ୍କୁ ମାଡ଼ ମାରି ଗୁରୁତର କରିଥିବା ଅଭିଯୋଗରେ ଗ୍ରାମର ଜଣେ ଯୁବକ ଗିରଫ ହୋଇଛନ୍ତି। କେନ୍ଦୁଝର ଜିଲା ସଦର ମହକୁମାରେ ଥିବା ଏକ ବ୍ୟାଙ୍କରୁ ବକ୍ସିବାରିଗାଁ ଗ୍ରାମର ଏସ୍‌ଏଚ୍‌ଜି ଋଣ ଆଣି ମାସକୁ ମାସ କିସ୍ତି ଟଙ୍କା ଶୁଝି ନ ଥିଲେ। ବ୍ୟାଙ୍କର ଫିଲ୍‌ଡ ଅଫିସର ମୃତ୍ୟୁଞ୍ଜୟ ପଢ଼ିଆରୀ ବକ୍ସିବାରି ଗ୍ରାମକୁ ଯାଇ ଗ୍ରୁପ୍‌ର ସଦସ୍ୟଙ୍କୁ ଡାକି ଋଣ ଖିଲାପର କାରଣ ସମ୍ପର୍କରେ ପଚାରି ବୁଝିଥିଲେ। ମାତ୍ର ଜଣେ ଏସଏଚଜି ସଦସ୍ୟାଙ୍କ ସ୍ୱାମୀ ଏଥିରେ ଉତ୍ୟକ୍ତ ହୋଇ ଘରୁ ଏକ ଲୁହାରଡ଼ ଆଣି ଫିଲ୍‌ଡ ଅଫିସରଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ସେ ସେଠାରେ ରକ୍ତାକ୍ତ ଅବସ୍ଥାରେ ସଂଜ୍ଞାହୀନ ହୋଇ ତଳେ ପଡ଼ିଯାଇଥିଲେ। ଅନ୍ୟ ସଦସ୍ୟାମାନେ ତାଙ୍କୁ ତୁରନ୍ତ କେନ୍ଦୁଝର ଡାକ୍ତରଖାନାକୁ ନେଇଯାଇ ବ୍ୟାଙ୍କରେ ଜଣାଇଥିଲେ। ବ୍ୟାଙ୍କ ମ୍ୟାନେଜର ଅନିରୁଦ୍ଧ ବେହେରା ପଣ୍ଡାପଡ଼ା ଥାନାରେ ପହଞ୍ଚି ଫିଲ୍‌ଡ ଅଫିସରଙ୍କୁ ମାଡ଼ ମାରିଥିବା ଶିବ ଜୁଆଙ୍ଗଙ୍କ ନାମରେ ଥାନାରେ ଏତଲା ଦେଇଥିଲେ। ଥାନା ଆଇଆଇସି ପଦ୍ମାଳୟା ସାହୁଙ୍କ ନିର୍ଦ୍ଦେଶକ୍ରମେ ଥାନା ଏଏସ୍‌ଆଇ ଶିବ ଜୁଆଙ୍ଗଙ୍କ ଘର ଉପରେ ଚଢ଼ାଉ କରି ତାଙ୍କୁ ଗିରଫ କରିଛନ୍ତି। ଏନେଇ ଥାନାରେ ମାମଲା (ନଂ. ୩୧/୨୦) ରୁଜୁ କରାଯାଇ ଶିବଙ୍କୁ କୋର୍ଟଚାଲାଣ କରାଯାଇଛି।

# ପାଟଣା ଜାଗର ମହୋତ୍ସବର ଅଷ୍ଟମ ଦିବସ

ପାଟଣା,୧।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସ୍ଥିତ ଆନନ୍ଦେଶ୍ୱର ମହାଦେବ ଙ୍କ ‘ଜାଗର ମହୋତ୍ସବ- ୨୦୨୦’ ର ଅଷ୍ଟମ ଦିବସ ଶନିବାର ବର୍ଣ୍ଣାଢ୍ୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମୁକ୍ତାକାଶ ରଙ୍ଗ ମଞ୍ଚର କଂସ ଭୂମିକାରେ ଅଭିନୟ କରୁଥିବା ଭୁବନେଶ୍ୱର ପ୍ରଧାନ ଯୋଗଦେଇ ତାଙ୍କ ଅଭିନୟରେ ଦର୍ଶକଙ୍କୁ ମନ୍ତ୍ର ମୁଗ୍ଧ କରିଥିଲେ। କଂସଙ୍କ ତୁର୍ଯ୍ୟ ନାଦରେ ରଙ୍ଗ ମଞ୍ଚ ପ୍ରକମ୍ପିତ ହୋଇଥିଲା। ପାର୍ଥ ସାରଥୀ ବେଜଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସମ୍ମାନନୀୟ ଅତିଥି ଭାବେ ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ଅଜୟ କୁମାର ଦାଶ, ଘଟଗାଁ ବ୍ଲକ ମୁକୁନ୍ଦପୁର ପଞ୍ଚାୟତର ଆଦର୍ଶ ସରପଞ୍ଚ ଅନ୍ନପୂର୍ଣ୍ଣା ଦେହୁରୀ, ସାମାଜିକ କର୍ମୀ ସଞ୍ଜୟ କୁମାର ମିଶ୍ର, ଶିକ୍ଷାବିତ ଅଶୋକ ଚନ୍ଦ୍ର ନାଥ, ପଣ୍ଡିତ ନାରାୟଣ ଦାଶ ଓ ଅବସରପ୍ରାପ୍ତ ଶିକ୍ଷକ ସନାତନ ଦାଶ ପ୍ରମୁଖ ଯୋଗଦେଇ ପାଟଣା ଅଞ୍ଚଳର ସାଂସ୍କୃତିକ ଜାଗରଣରେ ଆନନ୍ଦେଶ୍ୱର ଙ୍କ ଜାଗର ଯାତ୍ରା ପ୍ରମୁଖ ଭୂମିକା ଗ୍ରହଣ କରିଆସିଛି ବୋଲି ମତ ପ୍ରକାଶ କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ କମଳାକାନ୍ତ ପତି ଅତିଥି ପରିଚୟପ୍ରଦାନ କରିଥିଲେ। ନୃତ୍ୟ ଓ ସଂଗୀତରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଭାଙ୍କୁ ମୁଖ୍ୟ ଅତିଥି ମାନପତ୍ର, ଟ୍ରଫି ଓ ଅର୍ଥ ରାଶି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟ ସବୀର କୁମାର ଦାଶ ଓ ଅବିନାଶ ଦାଶ ପରିଚାଳନା କରିଥିଲେ।

# ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର

ଚମ୍ପୁଆ, ୧।୩(ଡି.ଏନ.ଏ)

୨୦୧୯-୨୦ରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଥମ ସ୍ଥାନ ଅଧିକାର କରି କାୟାକଳ୍ପ ପୁରସ୍କାର ଲାଗି ବିବେଚିତ ହୋଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ସ୍ୱାସ୍ଥ୍ୟ ଓ କଲ୍ୟାଣ ବିଭାଗ ଓଡ଼ିଶାର ପତ୍ର ସଂଖ୍ୟା ୨୪୬୩/୪୫୮ ଅନୁସାରେ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛି। ସେହିପରି ରାଜ୍ୟସ୍ତରରେ ଷଷ୍ଠ ସ୍ଥାନରେ ରହିଛି। ଏହି ଖବର ମିଳିବା ପରେ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. ଦୀପକ କୁମାର ସାହୁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜଣାଯାଇଛି। ୧୫ ମାସ ମଧ୍ୟରେ ସ୍ୱାସ୍ଥ୍ୟକେନ୍ଦ୍ରର ପଟଚିତ୍ର ପରିବର୍ତ୍ତନ କରି ସ୍ୱଚ୍ଛତା, ପରିବେଶ, ଉଦ୍ୟାନ, ଔଷଧୀୟ ବୃକ୍ଷରୋପଣ, ସଚେତନତା, ସ୍ୱଚ୍ଛତା ଉପରେ ସାଧାରଣଜ୍ଞାନ ପରୀକ୍ଷା, ପାଲା ମାଧ୍ୟମରେ ସଚେତନତା ଆଦି କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ସବୁ ସ୍ଥାନରେ ସୂଚନା ବୋର୍ଡ ମାଧ୍ୟମରେ ବିଭିନ୍ନ ସଚେତନାମୂଳକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚନା ପ୍ରଦାନ, ରୋଗୀସେବାରୁ ବାହାରୁଥିବା ଅନାବଶ୍ୟକ ବର୍ଜ୍ୟବସ୍ତୁର ସୁପରିଚାଳନା, ଦୂଷିତ ପରିବେଶ ପରିବର୍ତ୍ତନ ଆଦି କ୍ଷେତ୍ରରେ ଦୃଢ଼ ପଦକ୍ଷେପ ନେଇ ଏହି ସଫଳତା ମିଳିପାରିଛି ବୋଲି ଜଣାଯାଇଛି।

ପ୍ରକାଶ ଯେ, କାୟାକଳ୍ପ ଯୋଜନା ଅନୁସାରେ ଜିଲାର ଏକ ଟିମ୍ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲା। ସେହିପରି ଗତ ନଭେମ୍ବର ୨୧ରେ ରାଜ୍ୟସ୍ତରୀୟ ଏକ ଦଳ ଏଠାକୁ ଆସି ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟ ଯାଞ୍ଚ କରିଥିଲେ। ଏହି ସଫଳତା ସମ୍ପର୍କରେ ଚିକିତ୍ସାଧିକାରୀ ସାହୁ କହିଛନ୍ତି ଯେ, ଏହା ଏକ ଟିମ୍ ୱାର୍କ। ଚିକିତ୍ସାଳୟର ସମସ୍ତ କର୍ମଚାରୀଙ୍କ ସହଯୋଗ ଓ ବିଶେଷ କରି ନିର୍ମଳ ଯୋଜନାରେ ନିଯୁକ୍ତ କର୍ମଚାରୀଙ୍କ ପାଇଁ ଏହି ସଫଳତା ମିଳିପାରିଛି। ଆଗକୁ ଜାତୀୟସ୍ତରରେ ପୁରସ୍କାର ପାଇଁ ପଦକ୍ଷେପ ନିଆଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।


ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର।